ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Vol.26 . No.156 Bhubaneswar Friday July 28 2023 | ୨୬ତମ ବର୍ଷ ସଂଖ୍ୟା-୧୫୬ ଭୁବନେଶ୍ୱର ଶୁକ୍ରବାର, ଜୁଲାଇ ୨୮, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ | ₹ 1.50 | (Air Surcharge - 0.50P) | Member-INS

## ଭୁବନେଶ୍ୱର ଲୋକସଭା: ଏଥର ଅପରାଜିତା-ଶ୍ରୀମୟୀ ଲଢ଼େଇ, ଆରମ୍ଭ ହେଲାଣି ବଳ କଷାକଷି

ଭୁବନେଶ୍ୱର, ୨୭।୭(ପି.ଏନ): ଆଗାମୀ ସାଧାରଣ ନିର୍ବାଚନକୁ ଆଉ ପ୍ରାୟ ୮ମାସ ବାକି ଥିବାବେଳେ ଏବେଠୁ ରାଜଧାନୀ ଭୁବନେଶ୍ୱରରେ ବିଜେଡି ଓ ବିଜେପି ମଧ୍ୟରେ ବଳ କଷାକଷି ଓ ଛକାପଞ୍ଝା ଆରମ୍ଭ ହୋଇଯାଇଛି । ସମ୍ମାନଜନକ ଭୁବନେଶ୍ୱର ଲୋକସଭା ଆସନକୁ ୨୦୧୯ ନିର୍ବାଚନରେ ବିଜେଡିଠୁ ଛଡାଇ ନେଇଥିବା ବିଜେପି ସାଂସଦ ଅପରାଜିତା ଷଡଙ୍ଗୀ ପୁଣିଥରେ ଏଠାରୁ ପ୍ରାର୍ଥୀ ହେବାର ସମ୍ଭାବନା ଅଧିକ ଥିବାବେଳେ ବିଜେଡି ମଧ୍ୟ ନିଜର ଯୁବ ତଥା ମହିଳା ଚେହେରା ଭାବେ ଦଳର ସାଧାରଣ ସମ୍ପାଦକ ଶ୍ରୀମୟୀ ମିଶ୍ରଙ୍କୁ ଆଗକୁ ଆଣି ନିଜ ଗଡକୁ ଅକ୍ତିଆର ନିମନ୍ତେ ରଣନୀତି ପ୍ରସ୍ତୁତ କରିଥିବା ଜଣାପଡିଛି । ଯଦି ସବୁକିଛି ଠିକଠାକ୍ ରୁହେ, ତା'ହେଲେ ଏହି ଲୋକସଭା ଆସନରେ ଭୁବନେଶ୍ୱରର ଦୁଇ ବୋହୂଙ୍କ ମଧ୍ୟରେ ଲଢ଼େଇ ଜୋରଦାର ହେବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ ।ମିଳିଥିବା ସୂଚନା ଅନୁସାରେ, ବିଜେପି ସାଂସଦ ଅପରାଜିତା ଷଡଙ୍ଗୀ କ୍ରମାଗତ ଭାବେ ବିଭିନ୍ନ ପ୍ରସଙ୍ଗରେ ରାଜ୍ୟ ସରକାର ଓ ଫାଇଭ-ଟି ସଚିବଙ୍କୁ ସିଧାସଳଖ





ଶାଣିତ ଆକ୍ରମଣ କରିବାକୁ ବିଜେଡି ସହଜରେ ହଜମ କରିପାରୁନି । ଅପରାଜିତାଙ୍କୁ ଯେନତେନ ପ୍ରକାରେ କ୍ଷମତା ରାଜନୀତିରୁ ଦୂରେଇ ରଖିବା ପାଇଁ ବିଜେଡି ନେତୃତ୍ୱ ଏବେଠୁ ରଣନୀତି ପ୍ରସ୍ତୁତ କରି ଗୋଟିଏ ଗୁଳିରେ ଦୁଇଟି ଶିକାର ନିମନ୍ତେ ଲକ୍ଷ୍ୟ ରଖିଛନ୍ତି । ବିଜେଡି ନିଜର 'ମହିଳା କାର୍ଡ' ଭାବେ ଦଳର ପ୍ରଭାବଶାଳୀ ନେତ୍ରୀ ଶ୍ରୀମୟୀ ମିଶ୍ରଙ୍କୁ ଆଗକୁ ଆଣିବା ସହ ଅପରାଜିତାଙ୍କୁ କଡା ଟକ୍କର ଦେବାକୁ ଆବଶ୍ୟକ ରାଜନୀତିକ ଭିତ୍ତିଭୂମି ପ୍ରସ୍ତୁତ କରୁଥିବା ଜଣାପଡିଛି । ଫାଇଭ-ଟି ସଚିବ ଭିକେ ପାଣ୍ଡିଆନଙ୍କୁ ଗଣମାଧ୍ୟମରେ ଅପରାଜିତାଙ୍କ ସିଧାସଳଖ ନିୟମିତ ଶାଣିତ ସମାଲୋଚନା ପରେ ବିଜେଡି ଚିହିଁକି ଉଠିଛି ଓ ତାଙ୍କୁ ମାତ୍ ଦେବା ପାଇଁ ବିଜେଡି ପ୍ରଥମଥର ନିମନ୍ତେ ସଂସଦୀୟ କ୍ଷେତ୍ର ପାଇଁ ପର୍ଯ୍ୟବେକ୍ଷକ ନିଯୁକ୍ତି ଦେଇଛି । ରାଜ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧକ୍ଷା ଶ୍ରୀମୟୀ ମିଶ୍ର ଏବେ ଦଳର ସାଧାରଣ ସମ୍ପାଦକ ଓ ମୁଖପାତ୍ର ଥିବାବେଳେ ତାଙ୍କୁ ଖୋର୍ଦ୍ଧା ଲୋକସଭା ମଣ୍ଡଳୀର ପର୍ଯ୍ୟବେକ୍ଷକ ନିଯୁକ୍ତି ଦେଇ ଅପରାଜିତାଙ୍କ ମୁକାବିଲା କରିବାକୁ ରଣନୀତି ପ୍ରସ୍ତୁତ କରିଛି । ଚଳିତମାସରେ ଶଙ୍ଖ ଭବନରେ ଖୋର୍ଦ୍ଧା ଜିଲ୍ଲାର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଓ ଜିଲ୍ଲାର ବରିଷ୍ଠ ନେତାମାନଙ୍କ ବୈଠକରେ ଏନେଇ ରଣନୀତି ପ୍ରସ୍ତୁତ ହୋଇଛି । ବିଜେଡି ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ନିର୍ବାଚନମଣ୍ଡଳୀ ପାଇଁ ମଧ୍ୟ ପର୍ଯ୍ୟବେକ୍ଷକ ନିଯୁକ୍ତି ଦେଇ ଏବେଠୁ ତୃଣମୂଳସ୍ତରରେ ସଂଗଠନକୁ ଅଧିକ ସୁଦୃ ? କରିବାରେ ଲାଗିଛି । ବିଶେଷକରି ଖୋର୍ଦ୍ଧା ଜିଲ୍ଲାର ମହିଳା ଏସଏଚ୍‌ଜି ସଦସ୍ୟା ଓ ବିଭିନ୍ନ ସମ୍ପ୍ରଦାୟକୁ ପ୍ରଭାବିତ କରିବା ପାଇଁ ବିଜେଡି ଏବେଠୁ ପ୍ରୟାସ ଆରମ୍ଭ କରିଛି । ଗତ ସପ୍ତାହରେ ଅଖିଳ ଭାରତୀୟ ମାରଓ୍ୱାଡି ମହିଳା ସମ୍ମ ?ଳନ ପକ୍ଷରୁ ଭୁବନେଶ୍ୱରରେ ତିଜ୍ ପର୍ବ ପାଳନ ଅବସରରେ ବିଜେଡି ନେତ୍ରୀ ଶ୍ରୀମତୀ ମିଶ୍ର ସାମିଲ ହୋଇଥିବାବେଳେ ଏହାର ୩ଦିନ ପରେ ସେହି ମାରଓ୍ୱାଡି ସମାଜର ଅନ୍ୟ ଏକ କାର୍ଯ୍ୟକ୍ରମରେ ସାଂସଦ ଶ୍ରୀମତୀ ଷଡଙ୍ଗୀଙ୍କୁ ଦେଖିବାକୁ ମିଳିଥିଲା । ସେହିପରି ଭୁବନେଶ୍ୱରରେ ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ଶିକ୍ଷାନୁଷ୍ଠାନ କାର୍ଯ୍ୟକ୍ରମଗୁଡିକରେ ଉଭୟ ନେତ୍ରୀଙ୍କ ସକ୍ରିୟ ଉପସ୍ଥିତି ହିଁ ପରୋକ୍ଷରେ ଦୁଇ ଦଳ ମଧ୍ୟରେ ବଳ କଷାକଷି ଏବଠୁ ଆରମ୍ଭ ହୋଇଥିବା ଭଳି ପ୍ରତୀତ ହେଉଛି । ଆଉ ରାଜଧାନୀ ଭୁବନେଶ୍ୱରରେ ରାଜନୀତିକ ମାହୋଲ ସରଗରମ ହେବାରେ ଲାଗିଛି ।

## ପ୍ରିଣ୍ଟିଂ ପ୍ରେସ୍‌ରୁ ହୋଇଛି ପ୍ରଶ୍ନପତ୍ର ଲିକ୍, ହେଲ୍‌ପର କରିଛି ଖେଳ

ବାଲେଶ୍ୱର, ୨୭।୭(ପି.ଏନ): ଓଡିଶା ଷ୍ଟାଫ୍ ସିଲେକସନ୍ କମିଶନ (OSSC) ଦ୍ୱାରା ପରିଚାଳିତ ଜେଇ ସିଭିଲ୍ ମେନ୍ ପ୍ରଶ୍ନପତ୍ର ଲିକ୍ ଏକ ପ୍ରିଣ୍ଟିଂ ପ୍ରେସରୁ ହୋଇଛି। ପ୍ରିଣ୍ଟିଂ ପ୍ରେସର ଜଣେ ହେଲ୍‌ପର ଏହି ପ୍ରଶ୍ନପତ୍ର ଲିକ୍ କରିଛି। ଆଜି ଏହି ତଥ୍ୟ ଦେଇଛନ୍ତି ବାଲେଶ୍ୱର ଏସ୍‌ପି ସାଗରିକା ନାଥ।ଏସ୍‌ପିଙ୍କ କହିବା ଅନୁସାରେ ପ୍ରିଣ୍ଟିଂ ପ୍ରେସର ହେଲ୍‌ପର ପ୍ରଶ୍ନପତ୍ର ଆଣି ମାଷ୍ଟରମାଇଣ୍ଡକୁ ଦେଇଥିଲା। ମାଷ୍ଟରମାଇଣ୍ଡ ହେଉଛନ୍ତି ବିହାରର ଜଣେ ସରକାରୀ ଅଧିକାରୀ। ପ୍ରଶ୍ନପତ୍ର ଲିକ୍ କରିଥିବା



ପ୍ରିଣ୍ଟିଂ ପ୍ରେସ ହେଲ୍‌ପର ଓ ମାଷ୍ଟରମାଇଣ୍ଡ ଗୋଟିଏ ଗାଁର। ସଂପୃକ୍ତ ପ୍ରିଣ୍ଟିଂ ପ୍ରେସଟି ଓଡିଶା ବାହାରେ। ୯ରୁ ୧୧ ତାରିଖ ମଧ୍ୟରେ ପ୍ରଶ୍ନପତ୍ର ପ୍ରେସରୁ ହେଲ୍‌ପର ଆଣିଥିଲା ବୋଲି ଏସ୍‌ପି କହିଛନ୍ତି।

## ଫେବୃଆରୀ ୨୦ରୁ ଆରମ୍ଭ ହେବ ମାଟ୍ରିକ ପରୀକ୍ଷା

କଟକ, ୨୭।୭(ପି.ଏନ): ଆସନ୍ତା ମାଟ୍ରିକ ପରୀକ୍ଷା ପାଇଁ ଘୋଷଣା ହୋଇଛି ତାରିଖ। ଗୁରୁବାର ବୋର୍ଡ ଅଫ ସେକେଣ୍ଡାରୀ ଏଜୁକେସନ ଓଡ଼ିଶା ପକ୍ଷରୁ ତାରିଖ ପ୍ରକାଶ ପାଇଛି। ୨୦ରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇ ୪ ପର୍ଯ୍ୟନ୍ତ ମାଟ୍ରିକ ପରୀକ୍ଷା ଚାଲିବ ବୋଲି ସୂଚନା ଦିଆଯାଇଛି। ମାଟ୍ରିକ ସହ ମଧ୍ୟମା, ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ବି ହେବ ବୋଲି କୁହାଯାଇଛି। ସେହିଭଳି ମାଟ୍ରିକ୍ ଖାତା ଦେଖା ତାରିଖ ମଧ୍ୟ ଘୋଷଣା କରିଛି ବୋର୍ଡ। ମାର୍ଚ୍ଚ ୧୨ରୁ ଖାତାଦେଖା



ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି। ଅତିକମ୍‌ରେ ଖାତାଦେଖା ୧୨ ଦିନ ଚାଲିବ। ପରୀକ୍ଷା ସଂପର୍କରେ ବିସ୍ତୃତ ବିବରଣୀ ପରେ ଘୋଷଣା କରାଯିବ ବୋଲି କୁହାଯାଇଛି।

### ହୀରାକୁଦର ୮ଟି ଗେଟ୍ ଦେଇ ଜଳ ନିଷ୍କାସନ ଜାରି

ସମ୍ବଲପୁର/ଭୁବନେଶ୍ୱର, ୨୭।୭(ପି.ଏନ): ହୀରାକୁଦ ଡ୍ୟାମ୍‌ର ୪ଟି ଗେଟ୍ ବନ୍ଦ କରାଯାଇଛି। ବର୍ତ୍ତମାନ ମୋଟ ୮ଟି ଗେଟ୍ ଦେଇ ଜଳ ନିଷ୍କାସନ ଜାରି ରହିଛି। ବାମପଟୁ ୬ଟି ଗେଟ୍ ଖୋଲା ରହିଥିବା ବେଳେ ଡାହାଣ ପଟର ୨ଟି ଗେଟ୍ ଦେଇ ଚାଲିଛି ଜଳ ନିଷ୍କାସନ।

### ସିଲିକନ ଗ୍ରୁପ ଓଡିଶାରେ ଏକ ହଜାର କୋଟି ଟଙ୍କାର କରିବ ନିବେଶ

ଭୁବନେଶ୍ୱର, ୨୭।୭(ପି.ଏନ): ଆମେରିକାର ସିଲିକନ ପାଓ୍ୱାର କମ୍ପାନୀ ଓଡିଶାରେ ୧୫୦ ଏମଏମ ସିଲିକନ କାର୍ବାଇଡ ମ୍ୟାନୁଫେକ୍ଚରିଂ ଫେସିଲିଟି ଖୋଲିବ । ଏହି ପ୍ରକଳ୍ପରେ କମ୍ପାନୀ ୧ ହଜାର କୋଟି ଟଙ୍କାର ପୁଂଜିନିବେଶ କରିବ । ଏହି ଗ୍ରୁପର ଭାରତୀୟ ସବସିଡାରୀ କମ୍ପାନୀ ଆରଆଇଆର ପାଓ୍ୱାର ଇଲେକ୍ଟ୍ରୋନିକ୍ସ ଦ୍ୱାରା ଏହି ପୁଂଜି ବିନିଯୋଗ କରାଯିବ। ପୁଂଜି ନିବେଶକାରୀଙ୍କୁ ଆକର୍ଷିତ କରିବାକୁ ଆମେରିକା ଯାଇଥିବା ଓଡିଶାର ପ୍ରତିନିଧି ଦଳକୁ ଗ୍ରୁପର ପ୍ରମୋଟର ଡ. ହର୍ଷଦ ମେହେତା ଏ ସମ୍ପର୍କିତ ଲେଟର ଅଫ ଇଂଟେଂଟ ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଡ.ମେହତାଙ୍କ ନେତୃତ୍ୱରେ କମ୍ପାନୀର ଏକ ଟିମ ଆଗାମୀ ଏକ ମାସ ମଧ୍ୟରେ ଓଡିଶା ଗସ୍ତ କରିବ।

## ସିଲିକନ ଗ୍ରୁପ ଓଡିଶାରେ ଏକ ହଜାର କୋଟି ଟଙ୍କାର କରିବ ନିବେଶ

ଭୁବନେଶ୍ୱର, ୨୭।୭(ପି.ଏନ): ଆମେରିକାର ସିଲିକନ ପାଓ୍ୱାର କମ୍ପାନୀ ଓଡିଶାରେ ୧୫୦ ଏମଏମ ସିଲିକନ କାର୍ବାଇଡ ମ୍ୟାନୁଫେକ୍ଚରିଂ ଫେସିଲିଟି ଖୋଲିବ । ଏହି ପ୍ରକଳ୍ପରେ କମ୍ପାନୀ ୧ ହଜାର କୋଟି ଟଙ୍କାର ପୁଂଜିନିବେଶ କରିବ । ଏହି ଗ୍ରୁପର ଭାରତୀୟ ସବସିଡାରୀ କମ୍ପାନୀ ଆରଆଇଆର ପାଓ୍ୱାର ଇଲେକ୍ଟ୍ରୋନିକ୍ସ ଦ୍ୱାରା ଏହି ପୁଂଜି ବିନିଯୋଗ କରାଯିବ। ପୁଂଜି ନିବେଶକାରୀଙ୍କୁ ଆକର୍ଷିତ କରିବାକୁ ଆମେରିକା ଯାଇଥିବା ଓଡିଶାର ପ୍ରତିନିଧି ଦଳକୁ ଗ୍ରୁପର ପ୍ରମୋଟର ଡ. ହର୍ଷଦ ମେହେତା ଏ ସମ୍ପର୍କିତ ଲେଟର ଅଫ ଇଂଟେଂଟ ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଡ.ମେହତାଙ୍କ ନେତୃତ୍ୱରେ କମ୍ପାନୀର ଏକ ଟିମ ଆଗାମୀ ଏକ ମାସ ମଧ୍ୟରେ ଓଡିଶା ଗସ୍ତ କରିବ।

## ବିକାଶ ପାଇଁ ପରିବର୍ତ୍ତନ ଜରୁରୀ : ରାଷ୍ଟ୍ରପତି

ଭୁବନେଶ୍ୱର, ୨୭।୭(ପି.ଏନ): ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଗୁରୁବାର ଭୁବନେଶ୍ୱର ଉପକଣ୍ଠ ତମାଣ୍ଡୋ ଦଶବାଟିଆ ଠାରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର "ଡିଭାଇନ୍ ଲାଇଟ୍ ହାଉସ" ବା ଦୈବିକ ଆଲୋକ ଭବନ ପାଇଁ ଶିଳାନ୍ୟାସ କରିଛନ୍ତି । ଏହି ଅବସରରେ ସେ ସେମିନାର ଓ ସମ୍ମିଳନୀ ଆୟୋଜନ କରିବା ଲାଗି ଚଳିତ ବର୍ଷର ବିଷୟବସ୍ତୁ "ସକାରାତ୍ମକ ପରିବର୍ତ୍ତନର ବର୍ଷ" କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଛନ୍ତି ।ରାଷ୍ଟ୍ରପତି କାର୍ଯ୍ୟକ୍ରମ ଅବସରରେ ଉଦବୋଧନ ଦେଇ କହିଥିଲେ, ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କେବଳ ଏକ ସଂଗଠନ ନୁହେଁ ବରଂ ଏହା ମହିଳାଙ୍କ ଦ୍ୱାରା ପରିଚାଳିତ ଏକ ସାମାଜିକ ଓ ଆଧାତ୍ମିକ ଅଭିଯାନ। ମାନବ ଜଗତ ପାଇଁ ଉଭୟ ଭୌତିକ ଏବଂ ଆଧାତ୍ମିକ ବିକାଶ ଜରୁରୀ । ସେ ଆହୁରି କହିଥିଲେ ଯେ, ପ୍ରଯୁକ୍ତି ପରିବର୍ତ୍ତନର ବାହକ ଏବଂ ସେହି ପରିବର୍ତ୍ତନକୁ ଅଣଦେଖା କରାଯାଇପାରିବ ନାହିଁ, କାରଣ ବିକାଶ ପାଇଁ ଏହା ଜରୁରୀ । ଶ୍ରୀମତୀ



ମୁର୍ମୁ କହିଥିଲେ ଯେ, ଭୌତିକ ପରିବର୍ତ୍ତନ ଆମକୁ ଖୁସି ଦେଇପାରେ କିନ୍ତୁ ଆଧାତ୍ମିକ ମାର୍ଗରେ ଚାଲିଲେ ମାନସିକ ଶାନ୍ତି ମିଳିଥାଏ। ଧ୍ୟାନ ଏବଂ ଏକ ଶୃଙ୍ଖଳିତ ଜୀବନଶୈଳୀ ଜରିଆରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆଧାତ୍ମିକତାର ମାର୍ଗ ଦେଖାଉଥିବାରୁ ରାଷ୍ଟ୍ରପତି ଖୁସି ବ୍ୟକ୍ତ କରିଥିଲେ ।ରାଷ୍ଟ୍ରପତି କହିଥିଲେ ଯେ, ବିଭିନ୍ନ ସମୟରେ ଅନେକ ନକାରାତ୍ମକ ଚିନ୍ତାଧାରା ଆମ ମାନସିକତାକୁ ପ୍ରଭାବିତ କରିଥାଏ। କିନ୍ତୁ ଆତ୍ମସମୀକ୍ଷା ନକରିବା କାରଣରୁ, ଆମେ ନକାରାତ୍ମକ ବିଚାରର ଶିକାର ହୋଇଥାଉ ବୋଲି ସେ କହିଥିଲେ। ଶ୍ରୀମତୀ ମୁର୍ମୁ ଆହୁରି କହିଥିଲେ ଯେ, ଆମ ଭିତରେ ଈର୍ଷା ଓ ଘୃଣା ଭାବନା ବଢ଼ିଚାଲିଛି । "ଆଜି ଆମ ଆଗରେ ସବୁଠୁ ବଡ଼ ଆହ୍ୱାନ ହେଉଛି, ନକାରାତ୍ମକ ଚିନ୍ତାଧାରାର ମୁକାବିଲା କରିବା ଏବଂ ସକାରାତ୍ମକତା ଦିଗରେ ଅଗ୍ରସର ହେବା," ରାଷ୍ଟ୍ରପତି କହିଥିଲେ । ମାନବ ଜାତିକୁ ସଚେତନ କରିବା ଏବଂ ସକାରାତ୍ମକ ଦିଗରେ ଅଗ୍ରସର ହେବା ଲାଗି ଲୋକମାନଙ୍କୁ ସହାୟତା କରିବା ଲାଗି ସେ ବ୍ରହ୍ମାକୁମାରୀ ସଂଗଠନର ପ୍ରୟାସକୁ ପ୍ରଶଂସା କରିଥିଲେ ।

## କିମ୍ସରେ ଜଟିଳ ମେରୁଦଣ୍ଡ ଅସ୍ତ୍ରୋପଚାର: ସଳଖିଲା ବଙ୍କା ମେରୁଦଣ୍ଡ

ଭୁବନେଶ୍ୱର, ୨୭।୭(ପି.ଏନ): ମେରୁଦଣ୍ଡ ବଙ୍କା ହୋଇଯାଇଥିବା ଜନୈକା ବାଳିକାଙ୍କଠାରେ ସଫଳ ଅସ୍ତ୍ରୋପଚାର ଦ୍ୱାରା ଏହାକୁ ସଳଖ କରି ପାରିଛନ୍ତି କିମ୍ସର ଡାକ୍ତର। ସ୍କୋଲିଓସିସ୍ ନାମକ ଗୁରୁତର ମେରୁଦଣ୍ଡ ସମସ୍ୟା ସହ ଦୀର୍ଘ ଦିନ ଧରି ସଂଘର୍ଷ କରୁଥିବା ଏହି ବାଳିକାଙ୍କ ଅଭିଭାବକ ବହୁ ଖ୍ୟାତି ସମ୍ପନ୍ନ ଡାକ୍ତରଖାନାରୁ ନିରାଶ ହୋଇ ଶେଷରେ କିମ୍ସ ଡାକ୍ତରଙ୍କ ସହ ପରାମର୍ଶ କରିଥିଲେ। ଅସ୍ଥିଶଲ୍ୟ ବିଶେଷଜ୍ଞ ତଥା ସ୍ପାଇନ୍ ସର୍ଜନ ଡା ଜିତେନ୍ଦ୍ର କୁମାର ରାଉତ ରୋଗୀଙ୍କୁ ଦେଖିବା ପରେ ଏହା 'ଇଡିଓପାଥିକ ସ୍କୋଲିଓସିସ୍' ନାମକ ଏକ ପ୍ରକାର ମେରୁଦଣ୍ଡ ସମସ୍ୟା ବୋଲି ଜାଣି ତୁରନ୍ତ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦେଇଥିଲେ। ନିଶ୍ଚେତକ ବିଭାଗର ଡା ସଞ୍ଜୀବ ଗିରି ଓ ରାଜ ମୋହନଙ୍କ ସହଯୋଗରେ ସ୍ପାଇନ୍ ସର୍ଜନ ଡା ରାଉତ ଏହି ଅସ୍ତ୍ରୋପଚାର କରିଥିଲେ। ବାଳିକାଙ୍କ ମେରୁଦଣ୍ଡ ଇଂରାଜୀ ଅକ୍ଷର 'ଏସ୍' ଆକୃତିର ହୋଇଯାଇଥିଲା, ଯାହା ଭବିଷ୍ୟତରେ ତାଙ୍କ ପାଇଁ ଆହୁରି ଅନେକ ସମସ୍ୟା ସୃଷ୍ଟି କରିଥାନ୍ତା ବୋଲି ଡା. ରାଉତ ପ୍ରକାଶ କରିଛନ୍ତି। କିମ୍ସରେ ଦକ୍ଷ ଡାକ୍ତର, ଉନ୍ନତ ଜ୍ଞାନକୌଶଳ ଓ ଯନ୍ତ୍ରାଂଶ ଉପଲବ୍ଧ ଯୋଗୁଁ ଏଭଳି ବିରଳ ମେରୁଦଣ୍ଡ ଅସ୍ତ୍ରୋପଚାର ସମ୍ଭବ ହୋଇପାରିଲା। ସେ ବର୍ତ୍ତମାନ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି।



Before After

କିଛି ଦିନ ବିଶ୍ରାମ ପରେ ସେ ସ୍ୱାଭାବିକ ଜୀବନଯାପନ କରିପାରିବେ ବୋଲି ଡାକ୍ତର ରାଉତ କହିଛନ୍ତି। ସାଧାରଣତଃ ୧୦ରୁ ୧୫ ବର୍ଷ ବୟସ ମଧ୍ୟରେ ଏହି ରୋଗ ଦେଖାଦେଇପାରେ। ତୁରନ୍ତ ରୋଗର ଚିହ୍ନଟ ଓ ଉପଯୁକ୍ତ ସମୟରେ ଏହାର ଚିକିତ୍ସା କରାଗଲେ ଏହି ରୋଗର ଉପଶମ ହୋଇପାରିବ। ଏହା ରୋଗୀର ଆତ୍ମବିଶ୍ୱାସ ଏବଂ ଆତ୍ମସମ୍ମାନକୁ ପ୍ରଭାବିତ କରିପାରେ। ଏପରି ରୋଗୀ ଅନେକ ସମୟରେ ଥଟ୍ଟା ଏବଂ ଉପହାସର ପାତ୍ର ହୋଇଥାନ୍ତି। କମ୍ ବୟସରୁ ହିଁ ଏହାର ଚିକିତ୍ସା କରାଯିବା ଆବଶ୍ୟକ ନଚେତ ବୟସ ବଢ଼ିବା ସହିତ ଏହାର ଚିକତ୍ସା ମଧ୍ୟ ଅଧିକ ଜଟିଳ ହୋଇଯାଇଥାଏ ବୋଲି ଡା. ରାଉତ କହିଛନ୍ତି। ସୂଚନାଯୋଗ୍ୟ, ପ୍ରଥମଥର ପାଇଁ ଓଡ଼ିଶାର ଏକ ଘରୋଇ ହସ୍ପିଟାଲରେ ଏଭଳି ଜଟିଳ ମେରୁଦଣ୍ଡ ଅସ୍ତ୍ରୋପଚାର କରାଯାଇପାରିଛି। ଏଭଳି ବିରଳ ଅକସ୍ତ୍ରୋପଚାର କରି 'କିମ୍ସ' ରାଜ୍ୟର ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଅନୁଷ୍ଠାନ ଭାବେ ନିଜକୁ ପ୍ରମାଣିତ କରିପାରିଛି। ଏହି ମେରୁଦଣ୍ଡ ଅସ୍ତ୍ରୋପଚାର ସାଧାରଣତଃ ୭-୮ ଘଣ୍ଟା ସମୟ ଲାଗିଥାଏ, କିନ୍ତୁ କିମ୍ସର ସ୍ପାଇନ ସର୍ଜନ ତଥା ଓଡ଼ିଶା ସ୍ପାଇନ ସଂଘର ସମ୍ପାଦକ ଡା. ରାଉତ ଏବଂ ତାଙ୍କ ଡାକ୍ତରୀ ଦଳ ମାତ୍ର ୪ ଘଣ୍ଟାରେ ଏହି ସଫଳ ଅସ୍ତ୍ରୋପଚାର କରିପାରିଥିଲେ। ଏଭଳି ବିରଳ ଅସ୍ତ୍ରୋପଚାର ପାଇଁ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଡା. ରାଉତ ଓ ତାଙ୍କ ଡାକ୍ତରୀ ଦଳକୁ ଧନ୍ୟବାଦ ଜଣାଇବା ସହ ବାଳିକାର ଆଶୁ ଆରୋଗ୍ୟ କାମନା କରିଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେଓ୍ୱାଇ) ଅଧୀନରେ ରୋଗୀଙ୍କର ମାଗଣା ଚିକିତ୍ସା କରାଯାଇଥିଲା।

## କଳାହାଣ୍ଡିରେ ରେଳ ସୁବିଧା ପାଇଁ ରେଳ ମନ୍ତ୍ରୀଙ୍କୁ ଭେଟିଲେ ସୁନୀତି ମୁଣ୍ଡ୍

ନୂଆଦିଲ୍ଲୀ, ୨୭।୭(ପି.ଏନ): କଳାହାଣ୍ଡି ଜିଲ୍ଲା ରେ ରେଳ ସଂଯୋଗ ଉପେକ୍ଷିତ ହେବା ଯୋଗୁଁ ଶିଳ୍ପ କ୍ଷେତ୍ରରେ ଅବହେଳିତ ହୋଇଛି । ଏଥି ପାଇଁ କଳାହାଣ୍ଡିର ସାମାଜିକ ଏବଂ ଅର୍ଥନୈତିକ ବିକାଶରେ ବାଧକ ସୃଷ୍ଟି ହେଉଥିବା ନେଇ କଳାହାଣ୍ଡି ବିକାଶ ପରିଷଦ ର ଅଧ୍ୟକ୍ଷା ତଥା ବିଜେପି ନେତ୍ରୀ ଡକ୍ଟର ସୁନୀତି ମୁଣ୍ଡ୍ କେନ୍ଦ୍ର ରେଳ ମନ୍ତ୍ରୀଙ୍କୁ ଭେଟି ଏହି ବିଷୟରେ ସବିଶେଷ ତଥ୍ୟ ଅବଗତ କରାଇଛନ୍ତି । ଏବେ ମଧ୍ୟ ଜିଲ୍ଲାବାସୀ ଉପଯୁକ୍ତ ରେଳସେବା ପାଇବାରୁ ବଂଚିତ ରହିଛନ୍ତି । ସୂଚନାଯୋଗ୍ୟ ଯେ ଆଧାର ତଥ୍ୟ ଅନୁଯାୟୀ ୨୦୨୩ ମସିହାରେ କଳାହାଣ୍ଡି ଜିଲ୍ଲାର ଜନସଂଖ୍ୟା ପ୍ରାୟ ୨,୧୯୧,୮୪୮ ରହିଛି । ୭୯୨୦ ବର୍ଗକିଲୋମିଟର ପରିମିତ ଅଂଚଳରେ ଏହି ଜିଲ୍ଲା ପରିବ୍ୟାପ୍ତ ହୋଇଥିବାବେଳେ ଏଠାରେ ଥିବା ୧୯ଟି ପ୍ରମୁଖ ଧର୍ମୀୟ ସ୍ଥଳ, ବାଣିଜ୍ୟ କେନ୍ଦ୍ର, ଐତିହାସିକ ସ୍ଥାନ, ପର୍ଯ୍ୟଟନ ସ୍ଥଳ, ଅଭୟାରଣ୍ୟ ମଧ୍ୟରୁ କେବଳ ଜୁନାଗଡ, ଭବାନିପାଟଣାକୁ ରେଳ ସଂଯୋଗ ରହିଛି । ଅନ୍ୟ ପ୍ରମୁଖ ସ୍ଥାନଗୁଡିକ ଏଥିରୁ ବଂଚିତ ରହିଛି । ବୁଧବାର ଦିନ ଦିଲ୍ଲୀସ୍ଥିତ ରେଳ ଭବନ ଠାରେ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଙ୍କୁ ସାକ୍ଷାତ କରି ସୁନୀତି ତାଙ୍କୁ ୨୨ ଦଫା ଦାବୀ ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।୧. ଜିଲ୍ଲାବାସୀଙ୍କ ପକ୍ଷରୁ ସେଠାରେ ବୃହତ୍ ଶିଳ୍ପ ସ୍ଥାପନ ଏବଂ



ତତ୍ ?ସହିତ ଏକ ରେଳ କାରଖାନା ସ୍ଥାପନ କରିବାକୁ ୨୦୦୮ରୁ ଦାବି କରିଆସୁଛନ୍ତି । ୨୦୧୦-୧୧ କେନ୍ଦ୍ର ବଜେଟ୍‌ରେ କଳାହାଣ୍ଡି ଅଥବା ଭୁବନେଶ୍ୱରରେ ଏକ ରେଳ ସାମୟିକ ବଗି ମରାମତି କାରଖାନା ସ୍ଥାପନ ପ୍ରସ୍ତାବ ରହିଥିଲା । କିନ୍ତୁ ଓଡିଶା ସରକାର ତାହାକୁ ଗଞ୍ଜାମ ଜିଲ୍ଲାରେ କରିବାକୁ ପ୍ରସ୍ତାବ ଦେଲେ । ତାହାକୁ କଳାହାଣ୍ଡି ଜିଲ୍ଲାବାସୀ ତୀବ୍ର ସମାଲୋଚନା କରିଥିଲେ ଏବଂ ଏହାକୁ ନେଇ ଦୁଇବର୍ଷ ପର୍ଯ୍ୟନ୍ତ ପ୍ରତିବାଦ ଜାରି ରହିଲା । ବିଭିନ୍ନ ମହଲରୁ ଦାବି ପରେ ୨୦୧୩-୧୪ ବଜେଟ୍ ?ରେ କଳାହାଣ୍ଡିରେ ଏକ ସାମୟିକ ବଗି ମରାମତି କାରଖାନା ସ୍ଥାପନ ଘୋଷଣା କରାଗଲା । ପରେ ତାହାକୁ ବିଶାଖାପାଟଣାକୁ ସ୍ଥାନାନ୍ତର କରିଦିଆଗଲା। ୨୦୧୭-୧୮ରେ ପୁନଶ୍ଚ କଳାହାଣ୍ଡିରେ ବିଦ୍ୟୁତ୍ ?ଚାଳିତ ରେଳ ଇଞ୍ଜିନର ସାମୟିକ ବଗି ମରାମତି କାରଖାନା ସ୍ଥାପନ ଘୋଷଣା କରାଯାଇଥିଲା, କିନ୍ତୁ ସେହି ପ୍ରକଳ୍ପ କାର୍ଯ୍ୟ ଆଗେଇପାରୁନାହିଁ ।୨. ଜିଲ୍ଲାରେ ଜୁନାଗଡ ରୋଡ-ନବରଙ୍ଗପୁର ରେଳପଥ ପ୍ରକଳ୍ପ ପାଇଁ ସର୍ଭେ ? ଦୀର୍ଘବର୍ଷ ହେଲା ପଡିରହିଛି । ରାୟପୁର-ରାଜିମ-ଗରିଆବନ୍ଧ-ଦେଭୋଗ-ଧର୍ମଗଡ-ଜୁନାଗଡ ରେଳପଥ ପାଇଁ ସର୍ଭେ ସକାଶେ ଅନୁମୋଦନ ମିଳିଥିଲେ ମଧ୍ୟ ତାହାର ସ୍ଥିତି ସମ୍ପର୍କରେ ଜଣାନାହିଁ । ଲାଞ୍ଜିଗଡ ରୋଡ-ଫୁଲବାଣୀ-ଅନୁଗୋଳ (ତାଳଚେର) ଏବଂ ଭବାନିପାଟଣା-କେସିଙ୍ଗା ରେଳପଥ ପ୍ରକଳ୍ପ ଆଗେଇ ପାରୁନାହିଁ । ଏଠାକୁ ସୀମିତ ସଂଖ୍ୟକ ଯାତ୍ରୀବାହୀ ଟ୍ରେନ ଚଳାଚଳ କରୁଛି । ସେଥିରେ ଜିଲ୍ଲାବାସୀଙ୍କ ପାଇଁ ଉପଯୁକ୍ତ ସୁବିଧା ସୁଯୋଗ ଯୋଗାଇଦେବାକୁ ମଧ୍ୟ ଦାବି ହେଉଛି ।

## ୮ ମାସ ହେଲା ମିଳୁନି ଗହମ କି ଅତିରିକ୍ତ ଚାଉଳ


ଭୁବନ, ୨୭।୭(ପି.ଏନ): ଅନାହାର ଓ ଅର୍ଦ୍ଧହାର ଭଳି ଦୁଇଟି ଶବ୍ଦ ( ଅପଶବ୍ଦ) କୁ ହଟାଇ ଦେବା ସକାଶେ କେନ୍ଦ୍ର ର ଉପା ସରକାର ୨୦୦୯ ମସିହାରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ପ୍ରଣୟନ କରିଥିଲେ । ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଯଦିଓ କେତେ ଗୁଡିଏ ମାନଦଣ୍ଡ ରଖିଥିଲେ ତଥାପି ସାରା ଦେଶର ୬୦ ପ୍ରତିଶତ ଲୋକ ଏଥିରେ ସାମିଲ ହୋଇ ମାସିକ ମୁଣ୍ଡ ପିଛା ୫ କିଲୋ ଚାଉଳ/ ଗହମ ପାଉଥିଲେ। ବହୁତ ହୁଆ ମେହେଙ୍ଗାଇ କି ମାର୍, ଅବକି ବାର ମୋଦି ସରକାର ନାରା ଦେଇ ୨୦୧୪ ରେ ଏନ୍ ଡି ଏ ସରକାର କ୍ଷମତାକୁ ଆସିବା ପରେ ୨୦୧୫ ରେ ଏହି ଯୋଜନାରେ କେତେକ ପରିବର୍ତ୍ତନ କରି ଦେଶରେ ସର୍ବାଧିକ ୫୬ ପ୍ରତିଶତ ଗରିବ ଖାଦ୍ୟ ସୁରକ୍ଷା ଯୋଜନା ରେ ସାମିଲ ହୋଇପାରିବେ ବୋଲି ଆଇନ ପ୍ରଣୟନ କରିଥିଲେ । ଫଳରେ ଅନେକ ହିତାଧିକାରୀ ସେମାନଙ୍କ ରାସନ କାର୍ଡ ଫେରସ୍ତ ଦେଲେ , ଆଉ କେତେକ ଙ୍କ ନାମରେ ପୋଲିସ କେସ ହେଲା ଓ କେତେକ ମହିଳା ଜେଲ କୁ ମଧ୍ୟ ଗଲେ । କୋଭିଡ ପରବର୍ତ୍ତୀ ସ୍ଥିତି ସୁଧାରିବା ପାଇଁ କେନ୍ଦ୍ର ସରକାର ପ୍ରଥମେ ରାସନ କାର୍ଡ ଧାରୀ ଙ୍କୁ ୧ ହଜାର ଟଙ୍କା ଦେଲେ । ପରବର୍ତ୍ତୀ ପର୍ଯ୍ୟାୟ ରେ ପ୍ରଧାନ ମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ପ୍ରତ୍ୟେକ ହିତାଧିକାରୀଙ୍କୁ ପ୍ରତି ମାସରେ ଚାଉଳ ସହ ଅତିରିକ୍ତ ୫ କିଲୋ ଲେଖାଏଁ ମାଗଣା ଚାଉଳ/ଗହମ ଯୋଗାଇ ଦେଲେ। ଅଧିକାଂଶ ଲୋକଙ୍କ ର ରାତିରେ ରୁଟି ଖାଇବା ଅଭ୍ୟାସ ଥିବାରୁ ରାସନ କାର୍ଡ ଧାରୀମାନେ ଚାଉଳ, ଗହମ ଅଧା ଅଧା କରି ଡିଲର ପାଖରୁ ଆଣୁଥିଲେ। ତେବେ ଗତ ଡିସେମ୍ବର ମାସ ରୁ ଚଳିତ ଜୁଲାଇ ୮ ମାସ ହେଲା ଏହି ଅତିରିକ୍ତ ଚାଉଳ/ ଗହମ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯଇଛି । ଏଥିପାଇଁ ହିତାଧିକାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ଖୋଲା ବଜାର ରେ ଗହମ ମିଳୁ ନଥିବା ବେଳେ ପ୍ୟାକେଟ ଅଟା କିଲୋ ୪୦ ରୁ ୫୦ ଟଙ୍କାରେ ବିକ୍ରି ହେଉଛି । ଏଥିପାଇଁ ଗରିବ ଲୋକ ମାନେ ରାତିରେ ରୁଟି ଖାଇବା ବନ୍ଦ କରି ଦେଇଛନ୍ତି । ଅନୁସନ୍ଧାନ ରୁ ପ୍ରକାଶ ଯେ, ଢ଼େଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ରେ ସମୁଦାୟ ୨୨୮୨୫ ଟି ରାସନ କାର୍ଡ ରହିଛି । ସେଥିମଧ୍ୟରୁ ୨୩୮୪ ଅନ୍ତ୍ୟୋଦୟ ଅନ୍ନ ଯୋଜନା କାର୍ଡ ରେ ୭୨୪୬ ହିତାଧିକାରୀ ଓ ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ୨୦୪୪୧ଟି କାର୍ଡରେ ୭୨୪୮୯ ଜଣ ଏହିପରି ସମୁଦାୟ ୭୯ ହଜାର ୭୩୫ ଜଣ ହିତାଧିକାରୀ ୪୩ ଜଣ ଡିଲର୍‌ଙ୍କ ଜରିଆରେ ମାସିକ କେବଳ ୫ କିଲୋ ଚାଉଳ ପାଉଛନ୍ତି । ଅନୁରୂପ ଭାବେ ଭୁବନ ଏନ୍ ଏ ସି ରେ ୪୭୮ ଟି ଅନ୍ତୋଦୟ କାର୍ଡରେ ୧୪୦୪ ଜଣ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୪୫୯୦ ଟି କାର୍ଡ ରେ ୧୪୮୦୦ ଏହିପରି ସମୁଦାୟ ୫୦୬୮ଟି କାର୍ଡ ରେ ୧୬୨୦୪ ଜଣ ହିତାଧିକାରୀ ୧୮ ଜଣ ଡିଲର ଙ୍କ ମାଧ୍ୟମରେ ରାସନ ପାଉଛନ୍ତି । ଗତ ଡିସେମ୍ବର ମାସ ରୁ ଗହମ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ହୋଇଥିବା ବେଳେ ଅତିରିକ୍ତ ଚାଉଳ ମଧ୍ୟ ବନ୍ଦ ହୋଇଛି। ପ୍ରତ୍ୟେକ ହିତାଧିକାରୀ ଙ୍କୁ କେବଳ ୫ କିଲୋ ଚାଉଳ ପ୍ରଦାନ କରାଯାଉଛି । କେନ୍ଦ୍ର ସରକାର ଙ୍କ ଏଭଳି ପଦକ୍ଷେପ କୁ ରାସନକାର୍ଡଧାରୀମାନେ ନାପସନ୍ଦ କରିଛନ୍ତି। ଗହମ ଯୋଗୁ ଶିଶୁ,ବୃଦ୍ଧ, ବୃଦ୍ଧା ମାନେ ଉପକୃତ ହେଉଥିଲେ। ମଧୁମେହ (ଡାଇବେଟିସ) ରୋଗୀ ମାନେ ବିଶେଷ ଭାବେ ଉପକୃତ ହେଉଥିଲେ। କେନ୍ଦ୍ର ସରକାର ଗହମ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ କରି ଦେଇଥିବାରୁ ଅଧିକାଂଶ ବୃଦ୍ଧ ବୃଦ୍ଧା, ଶିଶୁ, ଗର୍ଭବତୀ ମହିଳା ଓ ମଧୁମେହ ରୋଗୀ ଏବେ ରାତିରେ ରୁଟି ବଦଳରେ ଭାତ ଖାଇବାକୁ ବାଧ୍ୟ ହେଉଛନ୍ତି । ବର୍ଷା ଦିନ ଚାଲି ଥିବାରୁ ରାତିରେ ଭାତ ଖାଇ ଲୋକଙ୍କର ସ୍ୱାସ୍ଥ୍ୟ ଗତ ସମସ୍ୟା ଉପୁଜୁଛି । ପରିବା ବଜାର ରେ ନିଆଁ ଲାଗିଥିବା ବେଳେ ଡାଲି ଚାଉଳ ତେଲ ମସଲା ଦରବୃଦ୍ଧି ଲୋକଙ୍କ ମେରୁଦଣ୍ଡ ଭାଙ୍ଗି ଦେଉଛି । ପେଟ୍ରୋଲ, ଡିଜେଲ ୧୦୦ ପାର,ରନ୍ଧନ ଗ୍ୟାସ ୧୧୫୦ । ଦେଶ ସ୍ୱାଧୀନ ହେବାର ୭୫ ବର୍ଷ ଭିତରେ କେବେ ବି ସରକାରୀ ଗହମ ,କିରୋସିନ ବନ୍ଦ ହୋଇନଥିଲା । ଯାହାକି ମୋଦି ସରକାର ଅମଳରେ ବନ୍ଦ ହୋଇଛି। ଏଭଳି ପରିସ୍ଥିତିରେ କେନ୍ଦ୍ର ସରକାର ୯ ବର୍ଷ ପୂର୍ତ୍ତି ଉପଲକ୍ଷେ ବିଭିନ୍ନ ସ୍ଥାନରେ ଗରିବ କଲ୍ୟାଣ ସମାବେଶର ଆୟୋଜନ କରି ବିଫଳତାକୁ ଘୋଡାଇବାକୁ ମିଛ ସଫଳତା ବର୍ଣ୍ଣନା କରୁଛନ୍ତି। ପ୍ରକୃତ ରେ ଏହା ଗରିବ କଲ୍ୟାଣ ସମାବେଶ ନା ଗରିବଙ୍କୁ ଉପହାସ ବୋଲି ବୁଦ୍ଧିଜୀବୀ ମହଲ ପ୍ରଶ୍ନ କରୁଛନ୍ତି। ତେବେ ପୁନର୍ବାର ଗହମ କେବେ ମିଳିବ ବୋଲି ଭୁବନ ବ୍ଲକ ଯୋଗାଣ ଅଧିକାରୀଙ୍କୁ ପଚାରିବାରୁ ସାରା ରାଜ୍ୟରେ ଏହି ସମାନ ଅବସ୍ଥା ,ଆଲଟମେଣ୍ଟ ନାହିଁ, ତେଣୁ ଏ ସଂପର୍କରେ କିଛି କହି ହେବନି ବୋଲି କହିଥିଲେ। ଗରିବ ଲୋକଙ୍କ ସ୍ୱାର୍ଥ ପାଇଁ ସରକାର ତୁରନ୍ତ ଗହମ ଯୋଗାଇ ଦେବାକୁ ହିତାଧିକାରୀ ଓ ବୁଦ୍ଧିଜୀବୀ








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ



ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜ୍ୱତ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୂପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତୃଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ ଭଗବାନ ବିଷ୍ଣୁ ଇଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବଣକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଶ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଣ୍ଟକଙ୍କ ଭିଡ। ଏହି ଉଦେଶ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯଣ୍ୟରେ ସାହାଯଣ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ। ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଣ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଣ୍ୟତୀତ ଅନଣ୍ୟ ରାଜଣ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଣ୍ୟାରେ ପର୍ଯଣ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯଣ୍ୟଟକଙ୍କ ବର୍ଦ୍ଧିତ ସଂଖଣ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଣ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯଣ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯଣ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯଣ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଣ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଣ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯଣ୍ୟଟକଙ୍କ ଭିଡକୁ ଲକ୍ଷଣ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟରେ ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଣ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଣ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଣ୍ୟତି ହେବି ନାହିଁ।



# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର



ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯଣ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଣ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଲ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର ନିର୍ମାଣ କାର୍ଯଣ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଣ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଣ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଣ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




# ବିଦ୍ୟୁତ୍ କମ୍ପାନୀକୁ ଛାଡ଼, ଗ୍ରାହକ ମୁଣ୍ଡରେ ଅଠା ବୋଳିବେ ରାଜ୍ୟ ସରକାର

ବ୍ରହ୍ମପୁର (ପିଏନ୍): ଏକ ଜନକଲ୍ୟାଣ ରାଜ୍ୟରେ ସାଧାରଣ ଜନତାଙ୍କୁ ସୁବିଧା ସୁଯୋଗ ଦେବା ସରକାର ପ୍ରାଥମିକ ଦେବା ଉଚିତ। କିନ୍ତୁ ରାଜ୍ୟ ସରକାର ନିଜର ଅପାରଗତା ଏବଂ ବେପରୁଆ। ମନୋଭାବ ଯୋଗୁ ଗତ ୧୦ ବର୍ଷରେ ଗ୍ରୀଡ଼କୋର କ୍ଷତି ହୋଇଥିବା ୭୭୮୮ କୋଟି ଟଙ୍କା ବିଦ୍ୟୁତ ଦର ବୃଦ୍ଧି କରି ରାଜ୍ୟର ୯୫ ଲକ୍ଷ ଉପଭୋକ୍ତାଙ୍କ ଠାରୁ ଆଦାୟ କରିବା ପାଇଁ ଚକ୍ରାନ୍ତ କରୁଥିବା ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ରାଜ୍ୟ ବିଦ୍ୟୁତ ଉପଭୋକ୍ତା ମହାସଂଘର ସଭାପତି ରମେଶ ଶତପଥୀ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ସ୍ଥାନୀୟ ସିଟି ପେଲେସ୍ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଶତପଥୀ କହିଲେ ରାଜ୍ୟ ସରକାର ରାଜ୍ୟର ବିଦ୍ୟୁତ ଉପଭୋକ୍ତାମାନଙ୍କୁ ସ୍ୱଳ୍ପ ମୂଲ୍ୟରେ ନିରବିଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇବା ପାଇଁ ୧୯୯୫ ମସିହାରେ ରାଜ୍ୟ ବିଦ୍ୟୁତ ବୋର୍ଡକୁ ଭାଙ୍ଗି ବିଦ୍ୟୁତ ବିଭାଗରେ ସଂସ୍କାର ଆଣିଲେ । ପ୍ରଥମେ ପରିଚାଳନା ଗତ ଅପାରଗତା ଯୋଗୁ ସ୍ୱଳ୍ପ ମୂଲ୍ୟରେ ଟି.ଟି.ପି.ଏସ ଓ ଏନ.ଟି.ପି.ସିକୁ ବିକ୍ରି କଲେ । ରାଜ୍ୟ ସରକାରଙ୍କ ନିଜସ୍ୱ କମ୍ପାନୀ ଗ୍ରୀଡ଼କୋ। ଓ ଜଳ ବିଦ୍ୟୁତ ନିଗମ ଗଠନ କଲେ । ଗ୍ରୀଡ଼କୋ। ଦାୟିତ୍ୱରେ ବିଦ୍ୟୁତ ସରବରାହ, ବିଦ୍ୟୁତ କିଣା, ବିଦ୍ୟୁତ ବିତରଣ ଦାୟିତ୍ୱ ରହିବାବେଳେ ଜଳ ବିଦ୍ୟୁତ ନିଗମ (ଓ.ଏଚ.ପି.ସି) ରାଜ୍ୟର ସମସ୍ତ ଜଳ ବିଦ୍ୟୁତ ପ୍ରକଳ୍ପର ରକ୍ଷଣାବେକ୍ଷଣା ନୂଆ। ଜଳ ବିଦ୍ୟୁତ ପ୍ରକଳ୍ପ ମାନ ନିର୍ମାଣ କରି ସ୍ୱଳ୍ପ ମୂଲ୍ୟରେ ରାଜ୍ୟର ବିଦ୍ୟୁତ ଗ୍ରାହକଙ୍କୁ ବିଦ୍ୟୁତ ଯୋଗାଇବାର ବ୍ୟବସ୍ଥା ରଲେ । ପରବର୍ତ୍ତୀ ସମୟରେ ବିଦ୍ୟୁତ ବିତରଣ ଦାୟିତ୍ୱ ୪ଟି ବିତରଣ କମ୍ପାନୀ ସେସ୍କୋ, ନେସ୍କୋ, ସାଉଥକୋ, ସିକୋ। ଗଠନ କରାଯାଇ ବିଦ୍ୟୁତ ଗ୍ରାହକଙ୍କୁ ଉନ୍ନତ ମାନର ବିଦ୍ୟୁତ ଓଇଆରସି ନିର୍ଦ୍ଧାରିତ ରେଟରେ ଯୋଗାଇଦିଆଯାଇ ଅର୍ଥ ଆଦାୟ କରିବାର ଦାୟିତ୍ୱ ଦିଆଗଲା। ଏହି ସମସ୍ତ କମ୍ପାନୀ ରାଜ୍ୟ ସରକାରଙ୍କର ନିଜସ୍ୱ କମ୍ପାନୀ ଭାବେ କାମ କଲା । ୧୯୯୯ ମସିହାରେ କମ୍ପାନୀ ଗୁଡିକର ୫୧ ପ୍ରତିଶତ ଅଂଶଧନକୁ ରାଜ୍ୟ ସରକାର ବିକ୍ରି କରି ତାର ମାଲିକାନାକୁ ଘରୋଇ କମ୍ପାନୀ ହାତରେ ଟେକିଦେଲେ। ସେସ୍କୋର ଦାୟିତ୍ୱ ଆମେରିକାର ଏ.ଇ.ଏସ କମ୍ପାନୀ ଓ ଅନ୍ୟ ୩ଟି କମ୍ପାନୀ ନେସ୍କୋ, ସିସ୍କୋ, ସାଉଥକୋର ଦାୟିତ୍ୱ ବିଏସଇଏସ/ ରିଲିଆନ୍ସକୁ ଦିଆଗଲା। ପରବର୍ତ୍ତୀ ସମୟରେ ସମସ୍ତ କମ୍ପାନୀ ଏଥିରୁ ଓହରିଯାଇ କୋଟି କୋଟି ଟଙ୍କା ହଡ଼ପ କରିଥିଲେ ମଧ୍ୟ ରାଜ୍ୟ ସରକାର ନୀରବ ସାଜିବା ଆଶ୍ଚର୍ଯ୍ୟଜନକ। ଓଇଆରସିର ଚିଠି ପାଇଲା ପରେ ୨୦୧୦ ମସିହାରେ ରାଜ୍ୟ ସରକାରଙ୍କର ଏକ କାପେ ଯୋଜନା କରି ୨୪୦୦ କୋଟି ଟଙ୍କା ୩ ବର୍ଷରେ ଖର୍ଚ୍ଚ କରିବାର ନିର୍ଦ୍ଦେଶ ବିତରଣ କମ୍ପାନୀ ମାନଙ୍କୁ ଦେଲେ। ୨୦୧୬ ସୁଦ୍ଧା ମାତ୍ର ଖର୍ଚ୍ଚ ହେଲା ୯୨୦ କୋଟି ଟଙ୍କା ତାହା କେବଳ ଜିନିଷ କିଣାରେ ହେଲେ କାମ କଣ ହେଲା ପ୍ରକୃତରେ ଖର୍ଚ୍ଚ ହେଲା କି ନାହିଁ କେହି ଜାଣିଲେ ନାହିଁ । ଏଟିସି ଲସ କମିଲା ନାହିଁ ବଢି ଚାଲିଲା । ଓଇଆରସି ନିର୍ଦ୍ଦେଶକୁ ମଧ୍ୟ ଗୁରୁତ୍ୱ ଦେଲେ ନାହିଁ । ରିଲିଆନ୍ସ ତାର ଅଂଶଧନକୁ ଅନ୍ୟ କମ୍ପାନୀକୁ ବିକ୍ରି କଲା । ଆମର ବିରୋଧ ଫଳରେ ୨୦୧୫ ରେ ଓଇଆରସି ନେସ୍କୋ, ସେସ୍କୋ, ସାଉଥକୋର ଲାଇସେନ୍ସ ରଦ୍ଦ କରି ରାଜ୍ୟର ଶକ୍ତି ସଚିବ ଓ ଗ୍ରୀଡ଼କୋର ସିଏମଡିଙ୍କ ହାତରେ ୩ଟି ଯାକ ବିତରଣ କମ୍ପାନୀର ସମସ୍ତ କାଯର୍ୟ ପରିଚାଳନା କରିବାର ନିର୍ଦ୍ଦେଶ ଦେଲେ । ବିଭିନ୍ନ ଯୋଜନାରେ ଅର୍ଥ ବିନିଯୋଗ ହେଲା, ହେଲେ ଅପଦାର୍ଥ, ଅଯୋଗ୍ୟ ଲୋକମାନଙ୍କ ଦ୍ୱାରା ଏହାର ସଠିକ ପରିଚାଳନା ହୋଇପାରିଲା ନାହିଁ କ୍ଷତି ବଢିବଢି ଚାଲିଲା । ଗ୍ରୀଡ଼କୋ। ଓଇଆରସି ନିକଟରେ ୨୦୨୨-୨୩ ବର୍ଷର ଯେଉଁ ତଥ୍ୟ ଉପସ୍ଥାପନା କଲେ ସେଥିରେ ଜଣାଇଲେ ଯେ, ବର୍ଷ ବର୍ଷ ଧରି ବିତରଣ କମ୍ପାନୀ ମାନଙ୍କର ଅପାରଗତା ଯୋଗୁ ୭୭୮୮ କୋଟି ଟଙ୍କା ବାକି ପଡ଼ିଛି । ଏହାଛଡ଼ା ଅଧିକ ଟଙ୍କାରେ ବିଦ୍ୟୁତ କିଣି କମ ପଇସାରେ ବିକ୍ରି କରିବା ଫଳରେ ବ୍ୟାଙ୍କ ଠାରୁ ଆସିଥିବା ଋଣ ମିଶି ୬୫୦ କୋଟି ହେଲାଣି । ଏହି ଅର୍ଥ ସବୁକୁ ବିଦ୍ୟୁତ ଗ୍ରାହକଙ୍କ ଠାରୁ ଆଦାୟ କରାଯିବାର ଆବଶ୍ୟକତା ଅଛି । ଓଇଆରସି ଏହାକୁ ଗ୍ରହଣ ନକରିବାରୁ ଗ୍ରୀଡ଼କୋ। ନୂଆ। ପନ୍ଥା ବାହାର କରି ଝିଙ୍ଗ -ଅଫ ଆଧାରରେ ଓଇଆରସିର ଦ୍ୱାରସ୍ଥ ହୋଇ ୨୦୧୫-୧୬ ରୁ ୨୦୧୯-୨୦ ପଯର୍ୟନ୍ତ ୫୫୦୦ କୋଟି ଟଙ୍କା ଗ୍ରୀଡ଼କୋର ପ୍ରକୃତ ଖର୍ଚ୍ଚ ଦର୍ଶାଇ ବିଦ୍ୟୁତ ଗ୍ରାହକଙ୍କ ଠାରୁ ତାହା ଆଦାୟ କରିବାକୁ ଯେଉଁ ଦରଖାସ୍ତ ଦେଇଥିଲେ ଓଇଆରସି ତାକୁ ପ୍ରତ୍ୟାଖ୍ୟାନ କରି ସରକାର ଏହି ଅର୍ଥ ବଜେଟ ରଖି ଭରଣା କରିବାକୁ ପ୍ରସ୍ତାବ ଦେଇଥିଲା ବେଳେ ରାଜ୍ୟ ସରକାରଙ୍କର ଗ୍ରୀଡ଼କୋ। ଏହାକୁ କାଏମ ରଖିବା ପାଇଁ ଆପିଲେଟ ଟ୍ରିବୁନାଲକୁ ଯାଇଛନ୍ତି । ଯଦି ଟ୍ରିବୁନାଲ ଏହାକୁ ଗ୍ରହଣ କରନ୍ତି ତାହା ହେଲେ ବିଦ୍ୟୁତ ଗ୍ରାହକଙ୍କୁ ଏହି ଅର୍ଥ ଦେବାକୁ ପଡ଼ିବ ଓ ୨୦୨୩-୨୪ ବର୍ଷରେ ଟାରିଫ ବଢିବ । ଏହାକୁ ଆମମାନଙ୍କ ତରଫରୁ ବିରୋଧ କରାଯାଇଥିଲେ ମଧ୍ୟ ସମସ୍ତ ଉପଭୋକ୍ତା, ସଂଗଠନ ମାନେ ଏହାର ବିରୋଧ କରି ରାଜ୍ୟ ସରକାର ଏଥିରୁ ନିବୃତ ରହିବାକୁ ଦାବି କରନ୍ତୁ । ସାମ୍ବାଦିକ ସମ୍ମିଳନୀରେ ଉପଭୋକ୍ତା ମହାସଂଘ ତଥା ଓଏସଇବି ଶ୍ରମିକ ମହାସଂଘର ସଭାପତି ରମେଶ ଶତପଥୀଙ୍କ ସମେତ ସାଧାରଣ ସମ୍ପାଦକ ଜଗନ୍ନାଥ ମହାରଣା, ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ରବି ରଥ, ଉପସଭାପତି ଏନ. ଭାସ୍କର ରାଓ, ସଦାନନ୍ଦ ଚୌଧୁରୀ, କାଳିପ୍ରସାଦ ମହାପାତ୍ର, ପ୍ରମୋଦ କୁମାର ଦାଶ, ଯଥା ଟିପିଏସଓଡିଏଲ ଏମପ୍ଲସ ୟୁନିଅନର ସାଧାରଣ ସମ୍ପାଦକ ପ୍ରଦୀପ କୁମାର ବିଷୋୟୀ, ନୀଳମାଧବ ଦାଶ, ଅଶୋକ ପଟ୍ଟନାୟକ, ଶିବଶଙ୍କର ଦାସ, ଗୋପୀନାଥ ପଣ୍ଡା, ଗୌରହରି ସାମଲ, ବସନ୍ତ କୁମାରୁ ପ୍ରାଣିଗ୍ରାହୀ ଓ ନରୋତ୍ତମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ମହାଗୁରୁ ପଣ୍ଡିତ ଭୂପତିଭୂଷଣ ମିଶ୍ରଙ୍କୁ 'ବୈଷ୍ଣବ ଶିରିପା ଶ୍ରୀ' ସମ୍ମାନ ପ୍ରଦାନ

ଯାଜପୁର (ପିଏନ୍): ଯାଜପୁରର ଅକରପଡ଼ା ଗ୍ରା.ପ.ର ବଡ ଦୋଗଡ଼ା ବୈଷ୍ଣବ ସାହି ସ୍ଥିତ ଶ୍ରୀ ଶ୍ରୀ ଗୋପୀନାଥ ଜୀଉ ମନ୍ଦିର ପ୍ରାଙ୍ଗଣରେ ଶ୍ରୀଜଗନ୍ନାଥଙ୍କର ମୁଖ୍ୟ ପୁରୋହିତ ପଣ୍ଡିତ ହୃଷିକେଶ ପତିଙ୍କ ପୌରୋହିତ୍ୟରେ ସଂବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଯାଜପୁରର ବିଶିଷ୍ଟ ସଂସ୍କୃତ ବିଶାରଦ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷାବିତ୍ ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କୁ ବୈଷ୍ଣବ ସଂପ୍ରଦାୟ ତରଫରୁ 'ବୈଷ୍ଣବ ଶିରିପା ଶ୍ରୀ' ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ବାଲମୁକୁଳି କାହ୍ନୁପୁରର ଅଧିକାରୀ ଉମାକାନ୍ତ ଦାସ, ଇନ୍ଦାରୋଇ ଗ୍ରାମର ଅଧିକାରୀ ବୈଷ୍ଣବ ତପନ କୁମାର ଦାସ, ଆନନ୍ଦପୁରର ଅଧିକାରୀ ବୈଷ୍ଣବ ନାରାୟଣ ଚନ୍ଦ୍ର ଦାସ, ବୃନ୍ଦାବନପୁରର ଅଧିକାରୀ ବୈଷ୍ଣବ ପ୍ରଫୁଲ୍ଲ କୁମାର ଦାସ, ଓଳାଭରର ନମ୍ତରା ଗ୍ରାମର ସୋନୁ ବାବା, ବଡ଼ଦୋଗଡ଼ା ବୈଷ୍ଣବ ବିଶ୍ୱମ୍ଭର ଦାସ, ତେନ୍ତୁଳିଡ଼ିହ ଅଧିକାରୀ ରାଧାକାନ୍ତ ଦାସ, ସୁବାସ ଚନ୍ଦ୍ର ଦାସ, ସୀତାକାନ୍ତ ଦାସ, କମଳାକାନ୍ତ ଦାସ, ବ୍ରଜକିଶୋର ଦାସ, ବସୁଦେବ ଦାସ, ଶ୍ରୀନାଥ ଦାସ, ବିବେକାନନ୍ଦ ଦାସ, ଆଲୋକ ଦାସ, ଭଗବାନ ଦାସ ପ୍ରମୁଖ ଉକ୍ତ ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ହୋଇ ବୈଷ୍ଣବ ଶିରିପା ପ୍ରଦାନ କରିଥିଲେ। ଅନନ୍ୟା ସାହିତ୍ୟ ସଂସଦର ସଭାପତି ସନ୍ତୋଷ କୁମାର ନନ୍ଦ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ସମ୍ବର୍ଦ୍ଧନା ଏକ ଅନନ୍ୟ ପରଂପରା ଏବଂ ଏହାଦ୍ୱାରା ଉତ୍କଳୀୟ ଚେତନା ଓ ଗୌରବର ପ୍ରତିଷ୍ଠାତା ପୂର୍ବସୂରୀ ମାନଙ୍କର ପଦାଙ୍କ ଅନୁସରଣ କରି ବୈଷ୍ଣବ ସମ୍ପ୍ରଦାୟର ଅତୀତର ଗାଥାକୁ ପ୍ରକାଶ କରିଥିଲେ। ଶିକ୍ଷାବିତ୍ ବିଦ୍ୟୁତଲତା ଦାସ, ମୁଖ୍ୟବକ୍ତାଭାବେ ଓ ବରିଷ୍ଠ ସେବାୟତ ମଞ୍ଜୁଲତା ଦାସ, ଅନ୍ନପୂର୍ଣ୍ଣା ଦାସ, ରେଣୁବାଳା ଦାସ ପ୍ରମୁଖ ସମ୍ମାନିତ ଅତିଥିମାନେ ଯୋଗଦେଇ ଉତ୍ସବର ତାତ୍ପର୍ଯ୍ୟ ସଂପର୍କରେ ଆଲୋଚନା କରିଥିଲେ। ଅଧିକାରୀ ନବକିଶୋର ଦାସ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ବୈଷ୍ଣବ ପ୍ରୀତିକାନ୍ତ ଦାସ ଧନ୍ୟବାଦ ଦେଇଥିଲେ।

# ବହ୍ନିବଳୟରେ କନ୍ୟାସନ୍ତାନ



ସାରା ବିଶ୍ୱରେ ଥିବା ୬୫୦ କୋଟି ଜନସଂଖ୍ୟାର ଅର୍ଦ୍ଧେକ ହେଉଛନ୍ତି ନାରୀ। ଦୁଃଖ ଯେ, ପୁରୁଷଙ୍କ ପରି ସେମାନେ ତ ସମାନ ନ୍ୟାୟ ପାଆନ୍ତି ନାହିଁ , ନ୍ୟାଯ୍ୟ ଅଧିକାର ଭୋଗକରନ୍ତି ନାହିଁ, ଅପରନ୍ତୁ ଶୋଷିତ ଓ ଅତ୍ୟାଚାରିତ ହୁଅନ୍ତି ଏବଂ ଏହାର ମାତ୍ରା ଦିନକୁ ଦିନ ବଢ଼ିବାରେ ଲାଗିଛି। ଅବଶ୍ୟ ସେମାନଙ୍କ ସୁରକ୍ଷା ଦେବାରେ ଏବଂ ଉନ୍ନତିଲେ ବିଭିନ୍ନ ଆଇନ୍ ରାଷ୍ଟ୍ରମାନେ ପ୍ରଣୟନ କରିଛନ୍ତି ଅଥଚ କାର୍ଯ୍ୟ ବା କାରଣକୁ ଏହା କାମରେ ଆସେ ନାହିଁ। ଏ ଦୃଷ୍ଟିରୁ ଏତିକି କୁହାଯାଇପାରେ ଯେ, ଯେଯାଏଁ ଲୋକମାନଙ୍କର ମାନସିକତାରେ ପରିବର୍ତ୍ତନ ନ ଘଟିଛି, ମହିଳାମାନଙ୍କ ଉପରେ ଚାଲିଥିବା ଆକ୍ରମଣ ଓ ଅତ୍ୟାଚାର ହ୍ରାସ ପାଇବା ଅସମ୍ଭବ। ନାରୀମାନଙ୍କ ପ୍ରତି ଚାଲିଥିବା ବଳାତ୍କାର, ଧର୍ଷଣ ଓ ହତ୍ୟାର ମାତ୍ରା ଦିନକୁଦିନ ମାତ୍ରାଧିକ ଭାବରେ ବଢ଼ିଚାଲିଛି । ମିଳିଥିବା ଏକ ରିପୋର୍ଟ ଅନୁସାରେ ୨୦୧୨ରେ ଭାରତରେ ୨୪, ୬୨୩ଟି ବଳାତ୍କାର ଘଟିଥିବା ବେଳେ ଏହି ବଳାତ୍କାର ସଂଖ୍ୟା ୨୦୧୩ ପାଇଁ ହୋଇଛି ୩୩,୭୦୭। ଓଡ଼ିଶାରେ ଏ ସଂଖ୍ୟା ସେହି ସମୟରେ ୧୪୫୮ରୁ ୧୮୩୨କୁ ବୃଦ୍ଧି ପାଇଛି। ଜାତୀୟ ଅପରାଧ



ରେକଡ଼ ବ୍ୟୁରୋ ଗତବର୍ଷ କରିଥିବା ସର୍ଭେ ଅନୁସାରେ ଗତବର୍ଷ ୩୩ ହଜାର ୭୮୯ଟି ମାମଲାମଧ୍ୟରୁ ସର୍ବାଧିକ ମାମଲା ହେଉଛି ଯୌତୁକଜନିତ ହତ୍ୟା। ଏହାର ମାତ୍ରା ହେଉଛି ୧୬.୭%। ସେହିପରି ୨୦୧୧ ତୁଳନାରେ ୨୦୧୩କୁ ଅପହରଣ ମାତ୍ରା ବଢ଼ିଛି ତିନିଗୁଣ। ବିଭିନ୍ନ ପ୍ରଲୋଭନ ଦେଖାଇ ଯୁବତୀ କନ୍ୟାମାନଙ୍କୁ ନେବା ଏବଂ ପରେ ଧର୍ଷଣ କରି ଦଲାଲ ହାତରେ ଟେକି ଦେବା ଅଥବା ହତ୍ୟା କରିବା ଅପହରଣର ହେଉଛି ଶେଷ ପରିଣତି।

ବିଶ୍ୱ, ବିଶେଷ କରି ଭାରତୀୟମାନଙ୍କର ନାରୀପ୍ରତି ଥିବା ଅସମାନତା ମାନସିକତାର ଅନ୍ୟତମ ଉଦାହରଣ ହେଉଛି କନ୍ୟାଭୃଣ ହତ୍ୟା। ଏକ ପରିସଂଖ୍ୟାନ ଅନୁସାରେ ଗତ ୨୦ ବର୍ଷ ମଧ୍ୟରେ ଭାରତର କନ୍ୟାଭୃଣ ହତ୍ୟା ସଂଖ୍ୟା ପ୍ରାୟ ଏକ କୋଟୀରୁ ଅଧିକ। ଏହାସବୁ ବେଆଇନ୍ ଗର୍ଭପାତ। ଏହାର ଅର୍ଥ ହେଲା ବେଆଇନ୍ ଭାବେ ସୋନୋଗ୍ରାଫି ଜରିଆରେ ଗର୍ଭସ୍ଥ ଭୃଣର ଲିଙ୍ଗ ନିରୂପିତ ହେଉଛି। ଏହା ଯଦି କନ୍ୟା, ତାକୁ ସେ ଭୃଣରୁ ହତ୍ୟା କରାଯାଉଛି ଏବଂ ତାକୁ ବର୍ଜ୍ୟବସ୍ତୁ ଆକାରରେ କୋଉଠି ଫିଙ୍ଗି ଦିଆଯାଉଛି। ଏମିତି ସବୁ କାରଣକୁ ଶିକାର ହୁଏ ନାରୀ, ହ୍ରାସ ହୁଏ ତା' ସଂଖ୍ୟା।

ମିଳିତ ଜାତିସଂଘର ବିଶ୍ୱ ଜନସଂଖ୍ୟା ପାଣ୍ଠି (ଡ଼ବ୍ଲୁ.ପି.ଏଫ୍)ର ଚେତାବନୀ ଅନୁସାରେ ପୁରୁଷ-ମହିଳା ସନ୍ତୁଳନରେ ଭାରତ ସବୁଠାରୁ ଦୁର୍ବଳ ରାଷ୍ଟ୍ର। ଯଦି କନ୍ୟା ସନ୍ତାନ ସଂଖ୍ୟା ଏହିପରି ହ୍ରାସ ପାଏ, ତା'ହେଲେ ଭାରତରେ ଭବିଷ୍ୟତରେ ଏକ ସାମାଜିକ ସଂକଟ ଦେଖାଯିବ, ହୁଏତ ଏଥିପାଇଁ ୨୫ଭାଗ ଯୁବକଙ୍କ ପାଇଁ ପାତ୍ରୀ ମିଳିନପାରେ। ଏବେ ତ ଏହି କାରଣରୁ ହରିଆଣା, ରାଜସ୍ଥାନ ଓ ଉତ୍ତରପ୍ରଦେଶ ଇତ୍ୟାଦିରେ ବିବାହ ପାଇଁ ପାତ୍ରୀ ସଂକଟ ଉତ୍ପନ୍ନ ହୋଇଗଲାଣି। ଏପରି କନ୍ୟା ସଂକଟ ଘଟିବାର ଏକ ମୁଖ୍ୟ କାରଣ ଏହି ଯେ, ଯୌତୁକଜନିତ ଆର୍ଥିକ ଦଣ୍ଡରୁ ମୁକ୍ତି ପାଇଁ କନ୍ୟା ଭୃଣହତ୍ୟା । ଦୁଃଖ ଯେ, ଏହାକୁ ଏଡ଼ାଇବା ପାଇଁ ଯୌତୁକ ନିରୋଧ ଆଇନ୍, ଭୃଣହତ୍ୟା ନିଷେଧ ଆଇନ୍, ପିତାମାତାଙ୍କ ସଂପତ୍ତିରେ ପୁତ୍ରପରି କନ୍ୟାର ସମାନ ଅଧିକାର ଆଇନ୍ ଇତ୍ୟାଦି ଥାଇ ସୁଦ୍ଧା 'ଯଥା ପୂର୍ବଂ ତଥା ପରଂ' ନ୍ୟାୟରେ ସବୁକିଛି ଚାଲିଛି।

କେବଳ ଭାରତରେ ନୁହେଁ, ବିଶ୍ୱର ଅନେକ ରାଷ୍ଟ୍ରରେ ମହିଳାଙ୍କ ସ୍ଥିତି ଏପରି ଦୟନୀୟ ଅବସ୍ଥାରେ ଅଛି। କନ୍ୟାଭୃଣ ହତ୍ୟାରୋକିବା, ଲିଙ୍ଗଗତ ବୈଷମ୍ୟ ଦୂରେଇବା, ଶିଶୁକନ୍ୟାଙ୍କ ଶିକ୍ଷା, ପୁଷ୍ଟି, ସ୍ୱାସ୍ଥ୍ୟ, ଆଇନ୍‌ଗତ ଅଧିକାରର ସୁରକ୍ଷା ଏବଂ ସେମାନଙ୍କ ବିରୁଦ୍ଧରେ ଦେଖା ଓ ଲିଙ୍ଗଗତ ବୈଷମ୍ୟ, ହିଂସା, ବାଲ୍ୟବିବାହ ପ୍ରଥା ରୋକିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ୧୧ ଅକ୍ଟୋବରକୁ ଆନ୍ତର୍ଜାତିକ କନ୍ୟା ଶିଶୁ ଦିବସ ରୂପେ ୨୦୧୨ଠାରୁ ପାଳିତ ହେଉଛି। ଏହି ଅବସରର ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟ କରାଯାଉଛି। ଆସନ୍ତୁ ଲିଙ୍ଗଗତ ପାର୍ଥକ୍ୟ ଭୁଲିଯିବା। କନ୍ୟାଟିଏ ନୁହେଁ, ଆଗାମୀ କାଲିର ଈଶ୍ୱରୀଙ୍କ ସ୍ଥିତି ପାଇଁ ଯତ୍ନବାନ ହେବା।

**——ବିପିନବିହାରୀ ମହାନ୍ତି**

*ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିକାଶ ନଗର, ଜଟଣୀ, ଖୋର୍ଦ୍ଧା, ମୋ: ୯୯୩୮୩୪୪୧୩୮*

# ଅଣସଙ୍ଗଠିତ ଶ୍ରମିକ ଓ କର୍ମଚାରୀ କଂଗ୍ରେସର ରାଜ୍ୟସ୍ତରୀୟ କନ୍‌ଭେନସନ ରାଉରକେଲାରେ ଆୟୋଜିତ

ରାଉରକେଲା (ପିଏନ୍): ପ୍ରଦେଶ ଅଣସଙ୍ଗଠିତ ଶ୍ରମିକ ଓ କର୍ମଚାରୀ କଂଗ୍ରେସ ପକ୍ଷରୁ ରାଉରକେଲା ସ୍ଥିତ ଶୁଭମ ହୋଟେଲ ଠାରେ ଏକ ରାଜ୍ୟସ୍ତରୀୟ କନ୍‌ଭେନସନ ରାଜ୍ୟ ଅଧକ୍ଷ ବିଦ୍ୟାଧର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି । ଏହି କନ୍‌ଭେନସନକୁ ରାଷ୍ଟ୍ରୀୟ ଅଧକ୍ଷ ଡ. ଉଦିତ ରାଜ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପରିପ୍ରେକ୍ଷୀରେ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଳି ଜ୍ଞାପନ କରି ପ୍ରଦୀପ ପ୍ରଜ୍ୱଳନ ସହ ଆନୁଷ୍ଠାନିକ ଉଦ୍‌ଘାଟନ କରି କହିଲେ ଯେ, ସାମ୍ପ୍ରତିକ ପରିସ୍ଥିତିରେ ଦେଶରେ ଦେଖା ଦେଇଥିବା ସଂକଟ ପାଇଁ କେନ୍ଦ୍ରର ମୋଦି ସରକାର ଦାୟୀ ହେବା ସହିତ ଜାତିଆମ ଓ ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟି କରିବା ନିମନ୍ତେ ଦେଶରେ ଦରଦାମ୍ ବୃଦ୍ଧି, ବେକାରୀ, ବେରୋଜଗାରୀ, ଶିଳ୍ପର ଘରୋଇକରଣ, ଦେଶର ଜାତୀୟ ସମ୍ପତ୍ତିକୁ ଶାଗମାଛ ଦରରେ ବିକ୍ରି କରିବା ପ୍ରୟାସକୁ ଅଖିଳ ଭାରତ ଅଣସଙ୍ଗଠିତ ଶ୍ରମିକ ଓ କର୍ମଚାରୀ କଂଗ୍ରେସ ଆଗାମୀ ଦିନରେ ଦିଲ୍ଲୀ ଠାରୁ ପଲ୍ଲୀ ପର୍ଯ୍ୟନ୍ତ ବ୍ୟାପକ ବିରୋଧ କରିବାକୁ ଆହ୍ୱାନ ଦେଇଥିଲେ । ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଗତ ସେପ୍ଟେମ୍ବର ୭ ତାରିଖରୁ କନ୍ୟାକୁମାରୀ ଠାରୁ କାଶ୍ମୀର ପର୍ଯ୍ୟନ୍ତ ୧୫୦ ଦିନ ଧରି ଆରମ୍ଭ ହୋଇଥିବା ଭାରତ ଯୋଡ ଯାତ୍ରାକୁ ସମର୍ଥନ କରି ଆସନ୍ତା ଅକ୍ଟୋବର ୩୧ ତାରିଖରେ ଭୁବନେଶ୍ୱର ଠାରୁ ଆରମ୍ଭ ହେବାକୁ ଯାଉଥିବା ୨ ହଜାର କିଲୋମିଟର ବ୍ୟାପୀ ଏହି ପଦଯାତ୍ରାରେ ସମସ୍ତ ଜିଲ୍ଲା କମିଟିମାନେ ବ୍ୟାପକ ସଂଖ୍ୟାରେ ପ୍ରଚାର ପ୍ରସାର କରିବା ସହିତ ଏହି ଯାତ୍ରାରେ ଅଂଶଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ । ଏହି ରାଜ୍ୟସ୍ତରୀୟ କନ୍‌ଭେନସନରେ ଓଡିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ୩୦୦ରୁ ଉର୍ଦ୍ଧ୍ୱ ପ୍ରତିନିଧି ଓ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ । ଏହା ପୂର୍ବରୁ ରାଉରକେଲା ହାଉସ୍ ଏକ ବିଶାଳ ମୋଟର ସାଇକେଲ୍ ଶୋଭାଯାତ୍ରାରେ ରାଷ୍ଟ୍ରୀୟ ଅଧକ୍ଷ ଡ.ଉଦିତରାଜଙ୍କ ସହିତ ଆସିଥିବା ରାଷ୍ଟ୍ରୀୟ ଉପାଧକ୍ଷ ସୟ ଗାବା, ରାଷ୍ଟ୍ରୀୟ ସଚିବ ସି.ଏନ୍. ମୋହୁରିଆ, ଓ ଓଡିଶା ପ୍ରଭାରୀ ଚନ୍ଦ୍ରଲେଖା ପାଣ୍ଡେ ପ୍ରମୁଖଙ୍କୁ ପାଛୋଟି ଆଣିଥିଲେ । ଏହି କନ୍‌ଭେନସନରେ ରାଜ୍ୟ ସାଧାରଣ ସମ୍ପାଦକ ତ୍ରିଲୋଚନ ମହାନନ୍ଦ, ଉପାଧକ୍ଷା ଜ୍ୟୋସ୍ନା ସେନାପତି ଓ ମାଣିକପ୍ରଭା, ରାଉରକେଲା ଜିଲ୍ଲା କଂଗ୍ରେସ କମିଟିର ସଭାପତି ଦେବବ୍ରତ ବିହାରୀ, ସୁନ୍ଦରଗଡ ଜିଲ୍ଲା କଂଗ୍ରେସ ସଭାପତି ବେଣୁମାଧବ ତ୍ରିପାଠୀ, ବରିଷ୍ଠ କଂଗ୍ରେସ ନେତା ବିରେନ ସେନାପତି, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ରବି ରାୟ, କୈଳାସ ଚନ୍ଦ୍ର ସାହୁ, ନିହାର ଦାସ, ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ, ନିର୍ମଳ ସାମଲ, କୃଷ୍ଣଚନ୍ଦ୍ର ସାହୁ, ଭବାନୀ ଜେନା, ଅଜୟ ପାଇକରାୟ, ବିକାଶ ଦାସ, ଭାରତୀବାଳା ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ତୃଣମୂଳ ସ୍ତରରୁ ଅଣସଙ୍ଗଠିତ ଶ୍ରମିକ ଓ କର୍ମଚାରୀ କଂଗ୍ରେସକୁ ଶକ୍ତିଶାଳୀ କରି ଭାରତୀୟ ଜାତୀୟ କଂଗ୍ରେସର ଶକ୍ତି ବୃଦ୍ଧି କରିବାକୁ ମତ ପ୍ରକାଶ ପାଇଥିଲା ।

# ଆନନ୍ଦ ମାର୍ଗ ଆବାସିକ ବିଦ୍ୟାଳୟରେ ବୃକ୍ଷରୋପଣ ଓ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ



ବାଲେଶ୍ୱର (ପିଏନ୍)- ପବିତ୍ର କୁମାର ପୂର୍ଣ୍ଣିମା ଲକ୍ଷ୍ମୀ ପୂଜା ଅବସରରେ ବାଲେଶ୍ୱର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଆକିନିଆଠାରେ ଥିବା ଆନନ୍ଦ ମାର୍ଗ ଆବାସିକ ବିଦ୍ୟାଳୟରେ ଖାଦ୍ୟ ବଣ୍ଟନ କରାଯାଇଛି। ଅନୁଷ୍ଠାନର ଅଧକ୍ଷା ସଂଯୁକ୍ତା ରାଣୀ ବେହେରାଙ୍କ ଉପସ୍ଥିତିରେ କର୍ମକର୍ତ୍ତା ତଥା ଯୁବ ସମାଜସେବୀ ଯୁବନେତା ମନୋଜ କୁମାର ଆଚାର୍ଯ୍ୟଙ୍କ ସମେତ ଉମାରାଣୀ ଆଚାର୍ଯ୍ୟ ବିଭିନ୍ନ ପ୍ରସଙ୍ଗ ନେଇ ଆବାସିକ ବିଦ୍ୟାଳୟର ମୁଖ୍ୟ ଡଃ ଭାସ୍କର ଜେନା, ପରୀକ୍ଷିତ ଦାସଙ୍କ ସହ ଆଲୋଚନା କରିଥିଲେ। ଆଗାମୀ ଦିନରେ କିପରି ଭାବରେ ବିଦ୍ୟାଳୟ ତଥା ପିଲାମାନଙ୍କ ରକ୍ଷଣାବେକ୍ଷଣ ଠିକ୍ ଭାବରେ କରିହେବ, ଏ ବିଷୟରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ସାଙ୍ଗକୁ ଆବାସିକ ଛାତ୍ରମାନଙ୍କୁ ଜଳପାନ ପୁଡ଼ିଆ ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମର୍ପଣ ଚାରିଟେବୁଲ ଟ୍ରଷ୍ଟର ଅବିନାଶ ପୁଥାଳ, ରଣଜିତ୍ କୁମାର ପୃଷ୍ଟିଙ୍କ ସମେତ ଅନେତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଆଗାମୀ ଦିନରେ ହେବାକୁ ଥିବା ବିଦ୍ୟାଳୟର ଉନ୍ନତିମୂଳକ କାର୍ଯ୍ୟ ବିଷୟରେ ଅନୁଷ୍ଠାନର ଅଧକ୍ଷା ସଂଯୁକ୍ତା ରାଣୀ ବେହେରା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ।

## ଦ୍ୱନ୍ଦ୍ୱ ଦୂର ପାଇଁ ନିର୍ଦ୍ଦେଶ ହେଉ: ୧୦୦ ଓ ୧୦୧କୁ ନେଇ ଦ୍ୱନ୍ଦ୍ୱରେ ବିଦ୍ୟାର୍ଥୀ

ଭୁବନେଶ୍ୱର (ପିଏନ୍): ଜରୁରୀକାଳୀନ ସେବା ପାଇଁ ବ୍ୟବହାର କରାଯାଉଥିବା ୧୦୦ ଓ ୧୦୧ ନମ୍ବରକୁ ନେଇ ଏବେ ଦ୍ୱନ୍ଦ୍ୱରେ ବିଦ୍ୟାର୍ଥୀ। ଆଉ କାମ କରୁନି ଏହି ନମ୍ବର। କିନ୍ତୁ ସରକାରୀ ଓ କିଛି ବେସରକାରୀ ବିଦ୍ୟାଳୟରେ ତୃତୀୟ ଶ୍ରେଣୀରେ ଛାତ୍ରଛାତ୍ରୀଙ୍କୁ ପାଠ ପଢାଯାଉଥିବା 'ଜଣା ଅଜଣା' ବହିରେ ଏ ନେଇ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଛି। ଏହାକୁ ନେଇ ଏବେ ଦ୍ୱନ୍ଦ୍ୱରେ ଶିକ୍ଷକ, ବିଦ୍ୟାର୍ଥୀ ଓ ଅଭିଭାବକ। ସୂଚନାଯୋଗ୍ୟ, ଡ଼ିସେମ୍ବର ୨ ତାରିଖ, ୨୦୨୦ ମସିହାରେ ଆମ ରାଜ୍ୟରେ ଜନସାଧାରଣଙ୍କ ସୁବିଧା ତଥା ତ୍ୱରିତ ସେବା ଯୋଗାଣକୁ ଦୃଷ୍ଟିରେ ରଖି ସରକାର ବିଭିନ୍ନ ଜରୁରୀକାଳୀନ ସହାୟତା ନମ୍ବର ଯଥା-୧୦୦, ୧୦୧, ୧୦୨, ୧୦୪, ୧୦୮, ୧୮୧କୁ ଏକତ୍ରିତ କରି ଗୋଟିଏ ନମ୍ବର '୧୧୨' କାର୍ଯ୍ୟକାରୀ କରିଛନ୍ତି। ସେ ପୋଲିସ୍ ସେବା ହେଉ କି ଦମକଳ ସେବା ଇତ୍ୟାଦି ହେଉ। ଅଦ୍ୟାବଧି ଏ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାରଙ୍କ ପକ୍ଷରୁ ରାଜ୍ୟର କୌଣସି ବିଦ୍ୟାଳୟକୁ ଏ ସମ୍ପର୍କରେ ସାମାନ୍ୟ ସୂଚନାଟିଏ ମଧ୍ୟ ନାହିଁ। ଯଦ୍ୱାରା ବିଦ୍ୟାର୍ଥୀ, ଅଭିଭାବକ ଏବଂ ଶିକ୍ଷକ ପଡୁଛନ୍ତି ଦ୍ୱନ୍ଦ୍ୱରେ। ପରୀକ୍ଷାରେ ଏ ସମ୍ପର୍କିତ ପ୍ରଶ୍ନ ଆସିଲେ, ଏ ସମ୍ପର୍କରେ ଏକ ଘରୋଇ ବିଦ୍ୟାଳୟର ଶିକ୍ଷକ କୁହନ୍ତି ବିଦ୍ୟାର୍ଥୀ ୧୦୦/୧୦୧ ଲେଖିଲେ ଆମେ ନମ୍ବର ଦେଉଛୁ। ୧୧୨ ଲେଖିଲେ ବି ନମ୍ବର ଦେବୁ। ଯେପର୍ଯ୍ୟନ୍ତ ପାଠ୍ୟପୁସ୍ତକ ସଂଶୋଧନ ହୋଇ ଆସିନାହିଁ ଆମେ ବା କ'ଣ କରିପାରିବୁ। ଯଦି କୌଣସି ବିଦ୍ୟାର୍ଥୀର ଏ ନେଇ ନମ୍ବର କାଟିଲୁ ଅଭିଭାବକମାନେ ବିଦ୍ୟାଳୟକୁ ଆସି କାହିଁକି ନମ୍ବର କାଟିଲେ କହି ଆମ ସହିତ ଝଗଡ଼ା କରୁଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ଏହି ପାଠ୍ୟପୁସ୍ତକରେ ପାଠ ଦ୍ୱିତୀୟ ଭାଗରେ ଶୃଙ୍ଖଳା ପ୍ରହରୀ ଓ ଦମକଳ କେନ୍ଦ୍ର ନାମରେ ରହିଛି ଦୁଇଟି ପ୍ରସଙ୍ଗ। ପ୍ରଥମ ପ୍ରସଙ୍ଗର ପୃଷ୍ଠା ୨୩ରେ ନାଲି ରଙ୍ଗରେ ଉଲ୍ଲେଖ ରହିଛି ପୋଲିସ୍ ଥାନାର ଟେଲିଫୋନ୍ ନମ୍ବର ହେଲା ୧୦୦। ସେହିପରି ଦ୍ୱିତୀୟ ପ୍ରସଙ୍ଗର ପୃଷ୍ଠା ୨୬ରେ ରହିଛି ଦମକଳ କେନ୍ଦ୍ରର ଫୋନ୍ ନମ୍ବର ହେଲା ୧୦୧। ଏ ଦୁଇଟି ନମ୍ବର ଜରୁରୀକାଳୀନ ପୋଲିସ୍ ଓ ଦମକଳ ସେବା ପାଇଁ ଉଦ୍ଦିଷ୍ଟ ବୋଲି ଏହା ହିଁ ଏଠାରେ ଉଲ୍ଲେଖ କରିବାର ଥିଲା। ଏବେ ତ ଏକକ ନମ୍ବର ୧୧୨ ସମ୍ପର୍କରେ ନୂତନ ସଂସ୍କରଣରେ ସ୍ଥାନିତ ହେବା ପର୍ଯ୍ୟନ୍ତ, ଅନ୍ତତଃ ଶିକ୍ଷକ/ ଶିକ୍ଷୟିତ୍ରୀମାନଙ୍କୁ ପାଠ୍ୟପୁସ୍ତକରେ ରହିଥିବା ଏ ଦ୍ୱନ୍ଦ୍ୱକୁ ଦୂର କରି ବିଦ୍ୟାର୍ଥୀମାନଙ୍କୁ ଏ ସମ୍ପର୍କରେ ସଚେତନ କରିବା ଲାଗି ଏକ ନିର୍ଦ୍ଦେଶନାମା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଜାରି କରନ୍ତୁ ବୋଲି ସାମାଜିକ କର୍ମୀ ସୁଶାନ୍ତ ସାହୁ ଏହି ମର୍ମରେ ଏକ ପ୍ରେସ୍ ବିବୃତ୍ତିରେ ଦାବି କରିଛନ୍ତି।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phagyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

# ମୋ ସହର

## ଡ୍ରଗ ବ୍ୟବସାୟ କାରବାରରେ ପାରାଦୀପ ଲକ ପୋଲିସ ଦ୍ୱାରା ୪ ଗିରଫ : ୨୭ ଗ୍ରାମ ଧଳା ଜହର ଜବତ




ପାରାଦୀପ,(ପି.ଏନ)ଡ୍ରଗ ବ୍ୟବସାୟରେ ଲିପ୍ତ ୪ ଜଣଙ୍କୁ ଗିରଫ କରିଛି ପାରାଦୀପ ଲକ ପୋଲିସ କ୍ଷ ବୁଧବାର ଦିନ ସକାଳେ ପୋଲିସ ପାଟ୍ରୋଲିଙ୍ଗ କରୁଥିବା ବେଳେ ଭୁତମୁଣ୍ଡାଇ ଓଭରବ୍ରିଜ ନିକଟରେ ସନ୍ଦିଗ୍ଧ ଚ଼ାରି ଜଣଙ୍କୁ ୨୭ ଗ୍ରାମ ବ୍ରାଉନ ସୁଗାର ସହ କରିଛି କ୍ଷ ଏହି ଚ଼ାରିଜଣ ହେଲେ ଲକ ଥାନା ଅନ୍ତର୍ଗତ ନିମିଢ଼ି ଗ୍ରାମର ଅଶ୍ରୁମୋଚ଼ନ ବାରିକ, ପ୍ରଭାସ ପ୍ରଧାନ ଓରଫ ଆନନ୍ଦ, ଜ୍ୟୋତିପ୍ରକାଶ ସ୍ୱାଇଁ ଓରଫ କୁଲୁ ଏବଂ ଭଦ୍ରକ ଜିଲ୍ଲାର ବଂଶଦା ଥାନା ଅନ୍ତର୍ଗତ ଗଙ୍ଗାଧରପୁର ପାଟଣା ଅଞ୍ଚଳର ସୁଶାନ୍ତ ସେଠୀ । ଏହି କାରବାରରେ ଲିପ୍ତ ଏକ ଟାଟା ଟିଗର କର ନମ୍ବର ଓଡି ୦୨ ବିକ୍ୟୁ ୮୩୮୨ ଗାଡି କୁ ପୋଲିସ ଜବତ କରି ଗିରଫ ବ୍ୟକ୍ତିଙ୍କୁ କୋର୍ଟ ଚ଼ାଲାଣ କରାଯାଇଥିବା ଲକ ଥାନାର ନୂତନ ଅଧିକାରୀ କୁଳମଣି ସେଠୀ ଙ୍କ ଠାରୁ ପ୍ରକାଶ କ୍ଷ ତେବେ ଏସମ୍ପର୍କରେ ସୂଚ଼ନା ଦେଇ ପୋଲିସ ଉପ ଆରକ୍ଷୀ ଅଧିକ୍ଷକ ସନ୍ତୋଷ କୁମାର ଜେନା କହିଛନ୍ତି ଯେ ଡ୍ରଗ କାରବାର ଓ ଅପରାଧିକ କାର୍ଯ୍ୟକଳାପ ନିୟନ୍ତ୍ରଣ ପାଇଁ କଡା ପୋଲିସ ପାଟ୍ରୋଲିଙ୍ଗ ବ୍ୟବସ୍ଥା କରାଯିବା ସଙ୍ଗେ ସଙ୍ଗେ ସାଧାରଣ ଗତିବିଧି ଉପରେ ପୋଲିସ କଡା ନଜର ରଖିଛି ।

## ବିପଦ ସଂକୁଳ ଅବସ୍ଥାରେ କଂଚନପୁର ପ୍ରାଥମିକ ବିଦ୍ୟାଳୟ : ସ୍କୁଲ ବାରଣ୍ଡାରେ ପାଠ ପଢୁଛନ୍ତି ଛାତ୍ର, ଛାତ୍ରୀ

ଚମ୍ପୁଆ, (ପି.ଏନ): ଚମ୍ପୁଆ ବ୍ଲକରେ ଦିନକୁ ଦିନ ବିପର୍ଯ୍ୟସ୍ତ ହୋଇ ପଡ଼ିଲାଣି ଶିକ୍ଷା ବ୍ୟବସ୍ଥା। ଅନେକ ଗ୍ରାମରେ ଥିବା ବିଦ୍ୟାଳୟଗୁଡିକ ବିପଦ ସଂକୁଳ ଅବସ୍ଥାରେ ରହିଥିଲେ ମଧ୍ୟ ଏଥି ପ୍ରତି ପଂଚାୟତ କର୍ତୃପକ୍ଷଙ୍କ ନଜର ପଡୁଛି ନା ସ୍ଥାନୀୟ ପ୍ରଶାସନର ନଜର ପଡୁଛି। ଏମିତିକି ଖୋଦ ଜିଲ୍ଲାପାଳ ନିଜ ଆଖିରେ ବିଦ୍ୟାଳୟର ଦୂରାବସ୍ଥା ଦେଖିବା ପରେ ମଧ୍ୟ ଯଥା ପୂର୍ବଂ ତଥା ପରଂ ସ୍ଥିତିରେ ରହିଛି ବିଦ୍ୟାଳୟ। ଫଳରେ ଭଗବାନଙ୍କ ଭରସାରେ ଦେଶର ଭବିଷ୍ୟତ। ବିପଦ ସଂକୁଳ ସ୍କୁଲ ଗୃହର ବାରଣ୍ଡାରେ ପାଠ ପଢୁଛନ୍ତି ଛାତ୍ର, ଛାତ୍ରୀ। ଏପରି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲାର କୁବେରପୁରି କୁହାଯାଉଥିବା ଚମ୍ପୁଆ ଉପଖଣ୍ଡରେ। ଚମ୍ପୁଆ ବ୍ଲକ, ରଜିଆ ପଂଚାୟତ ଅନ୍ତର୍ଗତ କଂଚନପୁର ପ୍ରାଥମିକ ବିଦ୍ୟାଳୟ । ୧୯୬୭ ମସିହାରେ ଗଢି ଉଠିଥିବା ଏହି ବିଦ୍ୟାଳୟରେ ପ୍ରଥମରୁ ପଂଚମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନର ବ୍ୟବସ୍ଥା ରହିଥିବାବେଳେ ଶିକ୍ଷାଦାନ ପାଇଁ ରହିଥିବା ୩ଟି ଶ୍ରେଣୀଗୃହ ବିପଦ ସଂକୁଳ ଅବସ୍ଥାରେ ରହିଥିବାରୁ ସାମାନ୍ୟ ବର୍ଷାରେ ପାଣି ଗଳୁଛି। ବିଦ୍ୟାଳୟ କାନ୍ଥ ଚାରିପଟେ ଫାଟି ଆଁ କରିଥିବାବେଳେ ଛାତରୁ ସିମେଂଟ ଛାଡି ରଡ଼ ଦେଖାଯାଉଛି। ଫଳରେ ବାଧହୋଇ ଖରା ହେଉ କି ବର୍ଷା ବାରମାସ ବାରଣ୍ଡାରେ ବସି ପାଠ ପଢୁଛନ୍ତି ଛାତ୍ର, ଛାତ୍ରୀ। ବିଦ୍ୟାଳୟ ଗୁଡିକର ଭିତି ଭୂମି ସଜାଡ଼ିବା ଲକ୍ଷ ନେଇ ରାଜ୍ୟ ସରକାର ୫ଟି ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ସାରା ଦେଶରେ ଓଡ଼ିଶାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ଉଦ୍ୟମ ଜାରି ରଖିଥିବାବେଳେ ଖଣି ଖାଦାନ ଭରା ଚମ୍ପୁଆ ଉପଖଣ୍ଡର ସଦର ମହକୁମା ତଥା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ମାତ୍ର ପାଂଚ କିଲୋମିଟର ଦୂରରେ ଥିବା କଂଚନପୁର ପ୍ରାଥମିକ ବିଦ୍ୟାଳୟ ର ଦୁରାବସ୍ଥା ନିଜ ଆଖିରେ ନ ଦେଖିଲେ ଅନୁଭବ କରିହେବ ନାହିଁ । ଗାଁ ମୁଣ୍ଡରେ ଥିବା ପାହାଡିଆ ଅଂଚଳରେ ଅବସ୍ଥାପିତ ଏହି ବିଦ୍ୟାଳୟ ଏକ ଭୁତ କୋଠି ପରି ପ୍ରତ୍ୟୟମାନ ହେଉଛି । ଗତ ବର୍ଷ କେନ୍ଦୁଝର ଜିଲ୍ଲାପାଳ ଗ୍ରାମକୁ ପରିଦର୍ଶନରେ ଆସି ସ୍କୁଲ ଗୃହର ଦୁରାବସ୍ଥା ନିଜେ ହୃଦୟଙ୍ଗମ କରିଥିଲେ ମଧ ଭଙ୍ଗା ଦଦରା ସ୍କୁଲ ଗୃହ ମରାମତି ଅବା ପୁନଃ ନିର୍ମାଣର ନାମ ଗନ୍ଧ ନାହିଁ । ସ୍କୁଲ ପରିସରରେ ଏକ ବର୍ଷରୁ ଉର୍ଦ୍ଧ ହେଲାଣି ବିଧାୟକ ପାଣ୍ଠିରୁ ନିର୍ମିତ ହେବାକୁ ଥିବା ସ୍କୁଲ ଗୃହ ଫାଉଣ୍ଡେସନ ଗାତରେ ସୀମିତ ଥିବାବେଳେ ଘାସ ଲତାରେ ପରି ପୂର୍ଣ୍ଣ ହେଲାଣି । ସ୍କୁଲ ଗୃହ ଚାରିପଟେ ଫାଟି ଆଁ କରିଥିବାରୁ ସରୀସୃପଙ୍କ ବାସସ୍ଥଳୀ ପାଲଟି ସାରିଛି । ବିଦ୍ୟାଳୟରେ ୭୧ ଜଣ ଛାତ୍ର, ଛାତ୍ରୀ ଅଧ୍ୟୟନ କରୁଥିବାବେଳେ ପାଂଚଟି ଶ୍ରେଣୀ ପାଇଁ ତିନିଟି ଶ୍ରେଣୀ ଗୃହ ରହିଛି, କିନ୍ତୁ ତାହା ବିପଦ ସଂକୁଳ ଅବସ୍ଥାରେ ଥିବାରୁ ଶିକ୍ଷକମାନେ ପିଲାଙ୍କୁ ବାଧ ହୋଇ ବାରଣ୍ଡାରେ ପାଠ ପଢାଉଛନ୍ତି କ୍ଷ ତେବେ ଯେଉଁ ଉପଖଣ୍ଡର ରାଜସ୍ୱରେ ରାଜ୍ୟ ରାଜକୋଷ ଭରପୁର ହେଉଛି, ଯେଉଁ ଜିଲ୍ଲାର ଖଣିଜ ପାଣ୍ଠିରେ ସାରା ରାଜ୍ୟ ପ୍ରତିପାଳିତ ସେହି ଉପଖଣ୍ଡର ଛାତ୍ର, ଛାତ୍ରୀ ପାଠ ପଢିବା ପାଇଁ ବିଦ୍ୟାଳୟରେ ଶ୍ରେଣୀ ଗୃହ ଖଣ୍ଡେ ନପାଇ ବାରଣ୍ଡାରେ ଖରା ବର୍ଷାରେ ବସି ପାଠପଢିବା ଚମ୍ପୁଆ ବ୍ଲକ ତଥା ଜିଲ୍ଲା ପ୍ରଶାସନର ପାରିବା ପଣିଆଁକୁ ପଦାରେ ପକାଇଛି କ୍ଷ ଗତ ବର୍ଷ ଜିଲ୍ଲାପାଳ ଏହି ଗ୍ରାମର ସ୍ୱୟଂସହାୟିକା ଗୋଷ୍ଠି ଦ୍ୱାରା କରାଯାଇଥିବା ଚାଷ କାର୍ଯ୍ୟ ଦେଖିବାକୁ ଆସିଥିବାବେଳେ ଗ୍ରାମବାସୀଙ୍କ ଅନୁରୋଧ କ୍ରମେ ବିଦ୍ୟାଳୟ ବିଦ୍ୟାଳୟକୁ ବୁଲି ଦେଖି ଯାଇଥିଲେହେଁ ଏଯାଏଁ ବିଦ୍ୟାଳୟର ରୂପରେଖରେ କୌଣସି ପରିବର୍ତନ ନହେବା ଅଭିଭାବକ ମହଲରେ ଅସନ୍ତୋଷକୁ ପୁଞ୍ଜିଭୂତ କରୁଛି। ତେବେ ଏ ସମ୍ପର୍କରେ ରଜିଆ ସରପଂଚ ସନ୍ତୋଷ କୁମାର ନାଏକଙ୍କୁ ପଚାରିବାରୁ ଖୁବଶୀଘ୍ର ସ୍କୁଲ ଗୃହ ନିର୍ମାଣ କରିବୁ ବୋଲି ସଫେଇ ଦେଇଥିବାବେଳେ ପ୍ରକୃତରେ ଚମ୍ପୁଆ ବ୍ଲକରେ ରହିଥିବା ଏହିପରି ଅନେକ ବିଦ୍ୟାଳୟ ଓ ଛାତ୍ର ଛାତ୍ରୀ ଙ୍କ ଭବିଷ୍ୟତ ଭଗବାନଙ୍କ ଭରସାରେ ରହିଛି । ତେଣୁ ଏହାର ବିଧିବଦ୍ଧ ତଦନ୍ତ ସହିତ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବୀ ହେଉଛି।

## ଆକାଶଙ୍କ ମିଶନ ସବୁଜ କୋରେଇ ଅଭିଯାନରେ ଚାରାରୋପଣ ଓ ଚାରା ବଂଟନ

କୋରେଇ, (ପି.ଏନ): କୋରେଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୋରେଇ ବ୍ଲକ ଅମୃତିଆ ଗ୍ରାମପଂଚାୟତ ଦହିଦାସପାଟଣା ଛକଠାରୁ ଏକ ବିଶାଳ ମଟରସାଇକେଲ ଶୋଭାଯାତ୍ରାରେ କୋରେଇର ପୂର୍ବତନ ବିଧାୟକ ତଥା ଓଡିଶା ସରକାରଙ୍କର ମୋ କଲେଜ ଅଧକ୍ଷ ଆକାଶ ଦାସନାୟକଙ୍କୁ ଜଳନ୍ଦା ଗ୍ରାମ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ । ଆକାଶ ଦାସନାୟକଙ୍କ "ମିଶନ ସବୁଜ କୋରେଇ" ଅଭିଯାନରେ ବଡେଇଜଳନ୍ଦା ପ୍ରାଥମିକ ବିଦ୍ୟାଳୟରେ ବୃକ୍ଷରୋପଣ କରାଯାଇଥିଲା । ଚାରାରୋପଣ କାର୍ଯ୍ୟକ୍ରମ ଶେଷ ପରେ ଜଳନ୍ଦା, ହଟପୁର ଗ୍ରାମରେ ୧୦୦୦ ବୃକ୍ଷ ବଂଟନ କରାଯାଇଥିଲା । ପିଜୁଳି, ଓଉ, ଆମ୍ବ, ପଣସ, ଆତ, ଶାଗୁଆନ, କାଜୁ,ଦେବଦାରୁ, ଆକାଶିଆ ଆଦି ବିଭିନ୍ନ ପ୍ରକାର ଫଳବୃକ୍ଷ ବଣ୍ଟନ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଶ୍ରୀ ଦାସନାୟକ ପରିବେଶ କହିଲେ ସାଧାରଣତଃ ପ୍ରକୃତି ସହିତ ଜୀବନ ଧାରଣର ମାନଦଣ୍ଡକୁ ବୁଝାଏ । ବିଶ୍ୱନିୟନ୍ତା ଈଶ୍ୱର ସୃଷ୍ଟିର ପ୍ରାରମ୍ଭରୁ ଜୀବନ ଧାରଣ ନିମନ୍ତେ ଅଗ୍ନି, ଜଳ, ବାୟୁ, ମାଟି ଓ ଆଲୋକ ଭଳି ପ୍ରାକୃତିକ ତତ୍ୱ ଗୁଡିକ ନିଃଶୁଳ୍କ ମୂଲ୍ୟରେ ଯୋଗାଇଦେଇଛନ୍ତି। ଯାହାଦ୍ୱାରା ପୃଥିବୀପୃଷ୍ଠରେ ଜୀବଜଗତ ତିଷ୍ଠି ରହିପାରିଛି । ଉକ୍ତ ୫ଟି ଉପାଦାନକୁ ନେଇ ପରିବେଶ ଗଠନ ହୋଇଅଛି । ଈଶ୍ୱର ଜୀବଜଗତ ବଂଚିରହିବା ପାଇଁ ଗଛଲତା, ନଦୀ, ସମୁଦ୍ର ଆଦି ସୃଷ୍ଟି କରିଛନ୍ତି । ଯାହାକି ଜୀବଜଗତକୁ ଜୀବନଧାରଣ ନିମନ୍ତେ ଅମ୍ଳଜାନ, ଔଷଧ, ଖାଦ୍ୟ ଓ ବାସସ୍ଥାନ ଯୋଗାଇଆସିଛି । କିନ୍ତୁ ମନୁଷ୍ୟ ଲୋଭ ଓ ସ୍ୱାର୍ଥସାଧନ ନିମନ୍ତେ ଦିନକୁ ଦିନ ପ୍ରକୃତି ଓ ପରିବେଶ ଉପରେ ଦାଉ ସାଧୁଛି । ନିଜର ସ୍ୱାର୍ଥ ସାଧନ ନିମନ୍ତେ ଅବାଧ ଗଛକଟା ଯୋଗୁ ଦିନକୁ ଦିନ ଗ୍ଲୋବାଲ ୱାର୍ମିଂ ପ୍ରଭାବ ବଢିବଢି ଚାଲିଛି । ଯାହାକି ତାପମାତ୍ରା ବୃଦ୍ଧି ସହିତ ଚର୍ମକର୍କଟ ଭଳି ରୋଗକୁ ସୃଷ୍ଟି କରିଥାଏ । ଆସନ୍ତୁ ସମସ୍ତଙ୍କ ସହଯୋଗରେ ବୃକ୍ଷରୋପଣ କରିବା । କୋରେଇକୁ ସବୁଜସୁନ୍ଦର କରି ଗଢିତୋଳିବା । ଆଗାମୀ ଦିନରେ କୋରେଇ ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକ ଘରେ ଘରେ ଗଛ ପହଂଚାଇବା ପାଇଁ ଶ୍ରୀ ଦାସନାୟକ ପ୍ରୟାସ ଜାରି ରଖିଛନ୍ତି । ଏହି କାର୍ଯ୍ୟକ୍ରମରେ ଦୀନବନ୍ଧୁ ସାହୁ, ପ୍ରତାପ ଖଣ୍ଡାଇ, ରବିନ୍ଦ୍ର ସେନାପତି, ଜଗବନ୍ଧୁ ମହାପାତ୍ର, ରାମଚନ୍ଦ୍ର ମାଝୀ, ପ୍ରଶାନ୍ତ କୁମାର ଦାସ, ଦନାର୍ଦ୍ଦନ ସେନାପତି, ପ୍ୟାରୀମୋହନ ବାରିକ, କାଳନ୍ଦି ମଳିକ, ନିରାକର ପତ୍ରୀ, ଗୁରୀ ମଳିକ, ସୂର୍ଯ୍ୟମଣି ପତ୍ରୀ, ଧୀରେନ୍ଦ୍ର ମଳିକ, କପିଳ ମଳିକ, ଦୀପକ ମଲ୍ଲିକ, କଳାକାର ବେହେରା ପ୍ରମୂଖ ସହଯୋଗ କରିଥିଲେ ।

## ମଣିପୁର ଲୋକହର୍ଷଣକାରୀ ଅମାନବୀୟ ଗଣଧର୍ଷଣ ଘଟଣାକୁ ଓଡ଼ିଶା ମହିଳା କଂଗ୍ରେସର ପ୍ରତିବାଦ

ଭୁବନେଶ୍ୱର, (ପି.ଏନ): ସାରା ଭାରତ ବର୍ଷରେ ବିଶ୍ୱରେ ମଣିପୁରର ଘଟଣାକୁ ନେଇ ବଡ଼ ଆଲୋଡ଼ନ ସୃଷ୍ଟି ହୋଇଛି। ଗତ ମଇ ୩ ତାରିଖ ଦିନ ମଣିପୁର ୩ ଜଣ କୁକୀ ସଂପ୍ରଦାୟ ଆଦିବାସୀ ମହିଳାଙ୍କୁ ମୈତେଇ ସଂପ୍ରଦାୟର ଲୋକମାନେ ପୁଲିସ ହେପାଜତରୁ ଛଡ଼ାଇ ନେଇ ତାଙ୍କୁ ସଂପୂର୍ଣ୍ଣ ଉଲଗ୍ନ କରି ହଜାର ହଜାର ଲୋକଙ୍କ ସମ୍ମୁଖରେ ଚଲାଇ ଚଲାଇ ନେଲେ ଏବଂ ତାଙ୍କ ପରିବାରବର୍ଗ ପ୍ରତିବାଦ କରିବାକୁ ତାଙ୍କୁ ଜୀବନ୍ତ ମାରିଦେବା ସହିତ ଏହି ୩ ଜଣଙ୍କୁ ମଧ ଗଣଦୁର୍ଷ୍କମ କଲାଗଲା। ଏହି ଘଟଣାକୁ ନେଇ ପୁଲିସ ଷ୍ଟେସନରେ କେସ୍ କଂପ୍ଲେନ୍ ରେଜିଷ୍ଟ୍ରେସନ କରଗଲା କିନ୍ତୁ ଅତ୍ୟନ୍ତ ଦୁଃଖ ଓ ବିଡ଼ମ୍ବନା କଥା ଏହି ଘଟଣାକୁ ଜୁନ୍ ୧୯ ତାରିଖ ପର୍ଯ୍ୟନ୍ତ ଉଭୟ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଜାଣିଶୁଣି ଚାପି ରଖିଥିଲେ। ପ୍ରଧାନମନ୍ତ୍ରୀ ଦୀର୍ଘ ୮୩ ଦିନ ପର୍ଯ୍ୟନ୍ତ ଏ ଘଟଣା ବାବଦରେ ପଦୁଟିଏ ବି ମୁହଁ ଖୋଲୁ ନାହାନ୍ତି ଏପରିକି ବି ୫ ଦିନ ସଂସଦ ଚାଲିଲେ ମଧ ଏବଂ ସମସ୍ତ ବିରୋଧି ଦଳଙ୍କ ଦାବି ସତ୍ୱେ ପ୍ରଧାନମନ୍ତ୍ରୀ ସଂସଦକୁ ଆସୁନାହାନ୍ତି କି ଉତର ରଖୁନାହାନ୍ତି। ଏ ଶତାବ୍ଦିର ସବୁଠାରୁ କଳଙ୍କିତ, ଅମାନବୀୟ ଓ ଲୋମହର୍ଷଣକାରୀ ଘଟଣାକୁ ପ୍ରତିବାଦ କରି ଆଜି ପ୍ରଦେଶ କଂଗ୍ରେସ ମହିଳା ସଭାନେତ୍ରୀ ଶ୍ରୀମତୀ ବନ୍ଦିତା ପରିଡ଼ାଙ୍କ ନେତୃତ୍ୱରେ ଶହ ଶହ ମହିଳା କଂଗ୍ରେସ କର୍ମୀ କେନ୍ଦ୍ର ସରକାର ଏବଂ ମଣିପୁର ସରକାର ବିରୋଧରେ ଖୁବ୍ ବର୍ଷିଥିଲେ। ମଣିପୁର ମୁଖ୍ୟମନ୍ତ୍ରୀଙ୍କୁ ତୁରନ୍ତ ବରଖାସ୍ତ କରାଯାଉ ଏବଂ ରାଜ୍ୟରେ ରାଷ୍ଟ୍ରପତି ଶାସନଜାରି ହେଉ ବୋଲି ଦାବି କରିଥିଲେ। କିଏ କାହିଁକି ଓ କେଉଁମାନେ ଏ ଘଟଣାକୁ ଚାପି ରଖିଥିଲେ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାର 'ପ୍ରୋତ୍ସାହନ ରାଶି' ଏକ ଧୂଆଁ ବାଣ ଓ ପ୍ରହସନ ସଦୃଶ: ବିଜେପି

ଭୁବନେଶ୍ୱର, (ପି.ଏନ): ବହୁ ତୁମ୍ବିତୋଫାନ ପରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ରାଜ୍ୟ ସରକାର ଜୁନ୍ ୧୬ ତାରିଖରୁ କାର୍ଯ୍ୟାଦେଶ ପ୍ରଦାନ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ କାର୍ଯ୍ୟାଦେଶ ସହିତ ୪୦ହଜାର ଟଙ୍କା ଦେଇଛନ୍ତି ଏବଂ ଅବଶିଷ୍ଟ ରାଶି ଦୁଇଟି କିସ୍ତିରେ ଗୃହକାର୍ଯ୍ୟର ଅଗ୍ରଗତି ନେଇ ପ୍ରଦାନ କରାଯିବ ନିଷ୍ପତି ନେଇଛନ୍ତି । ଯେଉଁ ହିତାଧିକାରୀମାନେ ଜୁନ୍ ୧୬ରୁ ଅକ୍ଟୋବର ଅର୍ଥାତ୍ ୪ମାସ ସମୟ ସୀମା ଭିତରେ ଗୃହକାର୍ଯ୍ୟକୁ ସମାପ୍ତ କରିବେ ତାଙ୍କୁ ୨୦ହଜାର ଟଙ୍କାର ପ୍ରୋତ୍ସାହନ ରାଶୀ ପ୍ରଦାନ କରିବା ପାଇଁ ରାଜ୍ୟ ସରକାର ଘୋଷଣା କରିଛନ୍ତି । ରାଜ୍ୟ ସରକାର ବର୍ଷାଦିନେ ହିତାଧିକାରୀମାନଙ୍କୁ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ କିପରି ପ୍ରଦାନ କରିଛନ୍ତି ବୋଲି ରାଜ୍ୟ ମୁଖପାତ୍ର ରାଜେନ୍ଦ୍ର ପଣ୍ଡା ପ୍ରଶ୍ନ କରିଛନ୍ତି । ରାଜ୍ୟ ସରକାରଙ୍କ ବିଭିନ୍ନ ସରକାରୀ କୋଠା, ପୋଲ ଏବଂ ରାସ୍ତାଘାଟ ନିର୍ମାଣ କାର୍ଯ୍ୟ ବର୍ଷା ଦିନ ପାଇଁ ଶୀଥିଳ ପଡିଯାଇଛି । ଏ କ୍ଷେତ୍ରରେ ବର୍ଷାଦିନେ ହିତାଧିକାରୀମାନେ ଗୃହକାର୍ଯ୍ୟ କରିବା ଅତ୍ୟନ୍ତ କଷ୍ଟଦାୟକ ବ୍ୟାପାର । ବର୍ଷା ଦିନେ ଗୃହ ନିର୍ମାଣ ସାମଗ୍ରୀ ବାଲି ହେଉ କି ଗୋଡି ଚଢ଼ାଦରରେ ମିଳେ ଏବଂ ହିତାଧିକାରୀ ଘର ପାଖକୁ ମଧ ଗୃହନିର୍ମାଣ ସାମଗ୍ରୀ ସହଜରେ ପହଁଚିପାରେ ନାହିଁ, ଫଳରେ ଘର ନିକଟକୁ ଗୃହସାମଗ୍ରୀ ନେବା ପାଇଁ ତାଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡେ । ବର୍ଷାଦିନେ ଗାଁ ଗହଳିରେ ହିତାଧିକାରୀ ବା ସମସ୍ତ ଲୋକେ ଚାଷବାସରେ ବ୍ୟସ୍ତ ରୁହନ୍ତି, ଫଳରେ ଗୃହ କାର୍ଯ୍ୟ କରିବା ପାଇଁ ଶ୍ରମିକଟିଏ ମିଳିବା କଷ୍ଟକର । ଯେଉଁ ଶ୍ରମିକ ମିଳନ୍ତି ସେମାନେ ଅଧିକ ଅର୍ଥ ଦାବି କରନ୍ତି । ଯେଉଁଥି ପାଇଁ ଏସମୟରେ ହିତାଧିକାରୀମାନେ ଗୃହକାର୍ଯ୍ୟ ଆରମ୍ଭ ପାଇଁ ପଛଘୁଂଚା ଦେଉଛନ୍ତି ବୋଲି ଶ୍ରୀ ପଣ୍ଡା କହିଛନ୍ତି । ଓଡ଼ିଶାରେ ପରମ୍ପରା ଓ ବିଶ୍ୱାସ ରହିଛି ଯେ, ମଳମାସରେ କୌଣସି ଶୁଭକାମ କରାଯାଏ ନାହିଁ । ଯେଉଁଥିପାଇଁ ହିତାଧିକାରୀମାନେ ଗୃହକାର୍ଯ୍ୟ ଆରମ୍ଭ ନକରିବା ଅନ୍ୟ ଏକ କାରଣ । ଏହି ୪ମାସ ଅବଧି ମଧ୍ୟରେ ହିତାଧିକାରୀମାନେ ଗୃହକାର୍ଯ୍ୟ ସମାପ୍ତ କରିବା ଅସମ୍ଭବ । ରାଜ୍ୟ ସରକାର ହିତାଧିକାରୀମାନଙ୍କୁ ପ୍ରୋତ୍ସାହନ ପ୍ରଦାନ କରିବାରେ କେତେ ଆନ୍ତରିକତା ରହିଛି ଏଥିରୁ ସ୍ପଷ୍ଟ ପ୍ରମାଣିତ । ଲୋକସଭା ଭବନରେ ବଡ ବଡ ଅଫିସରମାନଙ୍କ ସର୍ବନିମ୍ନ ଜ୍ଞାନର ଅଭାବରୁ ଏହି ୪ମାସର ଅବଧି ନିଷ୍ପତି ପାଇଁ ହିତାଧିକାରୀଟିଏ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନ ରାଶି ପାଇବାରୁ ବଂଚିତ ହେବାକୁ ଯାଉଛି । ରାଜ୍ୟ ସରକାର ନିର୍ବାଚନକୁ ଆଖି ଆଗରେ ରଖି ଏହି ପ୍ରୋତ୍ସହନ ରାଶି ଘୋଷଣା କରିଛନ୍ତି । ଏହି ଅବଧି ଭିତରେ ପ୍ରସ୍ତୋହନ ରାଶି ପ୍ରଦାନ ହିତାଧିକାରୀଙ୍କ ପାଇଁ ଧୂଆଁବାଣ ଓ ପ୍ରହସନ ସଦୃଶ ବୋଲି ଶ୍ରୀ ପଣ୍ଡା କହିଛନ୍ତି ।ଯଦି ହିତାଧିକାରୀମାନଙ୍କୁ ପ୍ରକୃତରେ ପ୍ରୋତ୍ସାହନ ରାଶି ପ୍ରଦାନ କରିବାରେ ରାଜ୍ୟ ସରକାରଙ୍କ ଆନ୍ତରିକତା ଥାଏ, ତାହାଲେ ଅକ୍ଟୋବର ୨୦୨୩ ପରିବର୍ତେ ଆଉ ୭ ମାସ ସମୟସୀମା ଅର୍ଥାତ୍ ଜାନୁୟାରୀ ୨୦୨୪ ପର୍ଯ୍ୟନ୍ତ ହିତାଧିକାରୀମାନଙ୍କୁ ଗୃହକାର୍ଯ୍ୟ ସମାପ୍ତ କରିବା ପାଇଁ ସମୟ ଧାର୍ଯ୍ୟ କରି ସେମାନଙ୍କୁ ପ୍ରକୃତ ପ୍ରସ୍ତୋହନ ରାଶି ପ୍ରଦାନ କରିବା ପାଇଁ ପଦକ୍ଷେପ ନିଅନ୍ତୁ ରାଜ୍ୟ ସରକାର ବୋଲି ଶ୍ରୀ ପଣ୍ଡା କହିଛନ୍ତି ।


MAHARISHI PUBLIC SCHOOL



2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ
Bhubaneswar Friday July 28, 2023 ଭୁବନେଶ୍ୱର ଗୁରୁବାର, ଜୁଲାଇ ୨୮,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ହିନ୍ଦୋଳରେ ସ୍ୱାଧୀନତାଦିବସ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ହିନ୍ଦୋଳ,(ପି.ଏନ): ଆସନ୍ତା ଅଗଷ୍ଟ ୧୫ରେ ସାରା ଭାରତରେ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହେବାକୁ ଯାଉଛି !ସେଥିପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହେବାକୁ ଲାଗିଲାଣି !ଏହି ପରିପେକ୍ଷୀରେ ହିନ୍‌ଦୋଳ ଉପଖଣ୍ଡ ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଆଜି ଦିବା ୧୧ଘ ରେ ହିନ୍‌ଦୋଳ ଉପଜିଲ୍ଲାପାଳ ଶ୍ରୀ ଶିବାନନ୍ଦ ସ୍ୱାଇଁ ଙ୍କ ଅଧକ୍ଷତାରେ ସ୍ଥାନୀୟ ତହସିଲ ଅଫିସ ବୈଠକଗୃହରେ ଅନୁଷ୍ଠିତ ହୋଇଯାଇଛି !ବୈଠକରେ କିଭଳି ସ୍ୱାଧୀନତା ଦିବସ ସୁରୁଖୁରୁରେ ଶାନ୍ତିଶୃଙ୍ଖଳାର ସହିତ ପାଳିତ ହୋଇପାରିବ ସେସମ୍ପର୍କରେ ବିଶୃତ ଆଲୋଚ଼ନା ହେବା ସହ ସମସ୍ତ ପ୍ରସଙ୍ଗ ଯଥା ଉପଖଣ୍ଡ ସ୍ତରୀୟ ପ୍ୟାରେଡ଼,ଉତ୍ସବ ସ୍ଥଳରେ ମେଡିକାଲ ଟିମ, ପାନୀୟଜଳ ମହଜୁଦ ରଖିବା,ମହାପୁରୁଷଙ୍କୁ ପୁଷ୍ପମାଲ୍ୟାର୍ପଣ, ବିଭିନ୍ନ ପ୍ରତିଯୋଗିତା, ଉପଜିଲ୍ଲାପାଳ ମୁଖ୍ୟଅତିଥି ଭାବରେ ଯୋଗଦେବା, ମିଷ୍ଟ !ର୍ନ ବଣ୍ଟନ,ଜାତୀୟ



ପତାକା ସସଂମାନ ଉତ୍ତୋଳନ ଆଇନ ଶୃଙ୍ଖଳା ପାଳନ ଇତ୍ୟାଦି ଆଲୋଚ଼ନା ହୋଇଥିଲା !ସମସ୍ତ ସରକାରୀ ଅଫିସ ଆଲୋକରେ ସୁସଜ୍ଜିତ କରିବା ଓ ନିର୍ଦ୍ଧାରିତ ସମୟରେ ପତାକା ଉତ୍ତୋଳନ ଓ ଅବତରଣ କୁ ଗୁରତ୍ୱ ଦିଆଯାଇଥିଲା ! ଆଜିର ଏହି ବୈଠକରେ ଅତିରିକ୍ତ ଉପଜିଲ୍ଲାପାଳ ଶ୍ରୀ ଗଜାନନ ପ୍ରଧାନ ପ୍ରାରମ୍ଭିକ ସୂଚ଼ନା ଦେବା ଅତିଥି ପରିଚ଼ୟ ପ୍ରଦାନ କରି ମଞ୍ଚ ପରିଚ଼ାଳନା କରିଥିଲେ ଏବଂ ତହସିଲଦାର ହିନ୍‌ଦୋଳ ସଭାସାଙ୍ଗ ଘୋଷଣା କରିଥିଲେ !ଅନ୍ୟମାନଙ୍କ ମଧରେ ତହସିଲଦାର ସୁଶାନ୍ତ ମିଶ୍ର,ଏନ ଏ ସି ଅଧକ୍ଷ କେଶବ ପ୍ରଧାନ, ଏନ ଏ ସି ନିର୍ବାହୀଅଧିକାରୀ ଏନ ଶ୍ରୀନିଭାସ, ଅତିରିକ୍ତ ଉପଜିଲ୍ଲାପାଳ ମାନେ, ଥାନାଅଧିକାରୀ, ଅଗ୍ନିଶମ ବିଭାଗ, ଜେଳବିଭାଗ, ବିଦ୍ୟୁତ,ସ୍ୱାସ୍ଥ୍ୟବିଭାଗ ଅଧିକାରୀ, ସମସ୍ତ ସ୍କୁଲ କଲେଜ ଅଧକ୍ଷ, ବି ଇ ଓ, ସିଡିପିଓ ଙ୍କ ସମେତ ସମସ୍ତ ଉପଖଣ୍ଡ ସ୍ତରୀୟ ଅଧିକାରୀ ମାନେ, ବରିଷ୍ଠ ସାମ୍ବାଦିକ, ବୁଦ୍ଧିଜୀବୀ, ଆଇନଯିବି ଓ ଅବସରପ୍ରାପ୍ତ ବରିଷ୍ଠ କର୍ମଚ଼ାରୀ ମାନେ ଯୋଗଦେଇଥିଲେ ।

## ପାରାଦୀପରେ ନେଟୱାର୍କ ସେବାରେ ବିଭ୍ରାଟ : ଗ୍ରାହକ ହନ୍ତସନ୍ତ

ପାରାଦୀପ,(ପି.ଏନ): ବନ୍ଦର ଓ ଶିଳ୍ପ ସହର ପାରାଦୀପ ବ୍ୟବସାୟିକ ଦୃଷ୍ଟି କୋଣରୁ ବେସ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ଦୀର୍ଘଦିନ ହେବ ଜିଓ ଏବଂ ବିଏସଏନଏଲ ନେଟୱାର୍କ ସେବାରେ ବିଭ୍ରାଟ ଓ ଧିମା ଯୋଗୁଁ ବିଭିନ୍ନ ବ୍ୟବସାୟି ସଂସ୍ଥା ମାନଙ୍କରେ ଏହାର ନାକରାତ୍ମକ ପ୍ରଭାବ ପଡିଥିବା ବେଳେ ସାଧାରଣରେ ଯୋଗାଯୋଗରେ ମଧ୍ୟ ଅନ୍ତରାୟ ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି । ଏତଦବ୍ୟତିତ ବିଭିନ୍ନ ବ୍ୟାଙ୍କ, ସରକାରୀ କାର୍ଯ୍ୟାଳୟ, ପେଟ୍ରୋଲ ପମ୍ପ ଇତ୍ୟାଦିରେ ବାରମ୍ବାର ଲିଙ୍କ ଫେଲ ହେଉଥିବାରୁ ଗ୍ରାହକ ମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ସରକାର ଦେଶକୁ ଡିଜିଟାଲ ସେବା ମାଧ୍ୟମରେ ଆଗକୁ ନେବାକୁ ଚାହୁଁଥିବା ବେଳେ କମ୍ପାନୀ ମାନଙ୍କ ମୁନାଫା ଖୋର ନୀତି ଯୋଗୁଁ ସାଧାରଣରେ ଉତ୍ତମ ସେବା ଦେବାରେ ବିଫଳ ହୋଇଥିବା ନେଇ ଗ୍ରାହକ ମାନେ କ୍ଷୋଭର ସହ କହିଛନ୍ତି । ତେବେ ଏବାବଦରେ ସମ୍ପୃକ୍ତ ବିଭାଗିୟ ମନ୍ତ୍ରଣାଳୟ ଏସବୁ କମ୍ପାନୀ ଗୁଡିକ ଉପରେ ଚାପ ପ୍ରୟୋଗ କରି ଉତ୍ତମ ସେବା ଉପଲବ୍ଧ କରାଇବାରେ ସାଧାରଣରେ ଦାବୀ ହେଉଛି।

# କୃଷି ଭିତ୍ତିକ ଗ୍ରାମ 'ବାରୁଦଖାନା'ରେ ସୋଆର କୃଷି ବିଜ୍ଞାନ ଛାତ୍ରୀ ପ୍ରତିନିଧି



ଭୁବନେଶ୍ୱର,(ପି.ଏନ): ସୋଆ ବିଶ୍ୱବିଦ୍ୟାଳୟ ପରିଚ଼ାଳିତ ଫାକଲ୍ଟି ଅଫ ଏଗ୍ରିକଲଚ଼ରାଲ ସାଇନ୍ସ କୃଷି ମହାବିଦ୍ୟାଳୟ ର ଶେଷ ବର୍ଷ ସ୍ନାତକ ଛାତ୍ରୀ ମାନଙ୍କର ଏକ କୋଡିଏ ଜଣିଆ ପ୍ରତିନିଧି ଦଳ ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ବ୍ଲକ ଅନ୍ତର୍ଗତ ପୂରଣପଧାନ ଗ୍ରାମପଞ୍ଚାୟତ ର ବାରୁଦଖାନା ଗ୍ରାମ ପରିଦର୍ଶନ କରିବା ସହ ଗ୍ରାମ ର କୃଷି ଭିତ୍ତିକ ତଥ୍ୟ ସଂଗ୍ରହ କରୁଛନ୍ତି । ଚ଼ଳିତ ମାସ ୧୭ ତାରିଖ ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଅଗଷ୍ଟ ଶେଷ ସପ୍ତାହ ପର୍ଯ୍ୟନ୍ତ ଚ଼ାଲିବାର ଯୋଜନା ରହିଛି । ଏହି ଗ୍ରାମ ସଂଯୋଗୀକରଣ କାର୍ଯ୍ୟକ୍ରମ ରେ ସୋଆ କୀଟ ତତ୍ତ୍ୱ ବିଭାଗ ର ସହକାରୀ ପ୍ରାଧ୍ୟାପକ ଡକ୍ଟର ଭୁବନାନନ୍ଦ ଅଧିକାରୀ ଛାତ୍ରୀ ମାନଙ୍କ ତତ୍ତ୍ୱାବଧାରକ ଓ ଉପଦେଷ୍ଟା ର କାର୍ଯ୍ୟ ତୁଲାଉଛନ୍ତି । ବିଶେଷକରି ଗ୍ରାମ ର କୃଷକ ସାଥି ତଥା ଜଣେ ଅଭିଜ୍ଞ କୃଷିବିତ ସୁମନ୍ତ ପ୍ରଧାନ ଛାତ୍ରୀ ମାନଙ୍କୁ ବହୁ ଉପାଦେୟ ତଥ୍ୟ ଓ ତତ୍ତ୍ୱ ଉପରେ ପ୍ରଶିକ୍ଷଣ ଦେଉଛନ୍ତି । ଛାତ୍ରୀ ମାନେ ପ୍ରଥମ ଦିନ ଗ୍ରାମ ର ବିଭିନ୍ନ ବର୍ଗ ର ଲୋକ ଙ୍କ ସହ ବିଷଦ ଆଲୋଚ଼ନା କରିବା ସହ କୃଷକ ମାନଙ୍କ ର କ୍ଷେତ୍ର ପରିଦର୍ଶନ କରିଥିଲେ । ଆଗାମୀ ଦିନ ରେ ଗ୍ରାମ ର କୃଷି ବ୍ୟବସ୍ଥା ସମ୍ପର୍କିତ ତଥ୍ୟ ସଂଗ୍ରହ ସହ କୃଷି ବିଜ୍ଞାନ ର ବିଭିନ୍ନ ଉପାଦେୟ ବିଷୟ ଉପରେ ଆଲୋଚ଼ନା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯିବାର କାର୍ଯ୍ୟକ୍ରମ ରହିଛି । ଛାତ୍ରୀ ମାନେ ସଂଗ୍ରହ କରୁଥିବା ତଥ୍ୟ ସବୁ ଏକାଠି ହୋଇ ସରକାରୀ ସ୍ତର ବା ମନ୍ତ୍ରଣାଳୟ କୁ ଗଲେ କୃଷକ ମାନେ ଉପକୃତ ହେବେ ବୋଲି ହେମନ୍ତ ପ୍ରଧାନ, ସନ୍ତୋଷ ପ୍ରଧାନ, କୁମର ନାୟକ, ସୁରେନ୍ଦ୍ର ଘଡେଇ ପ୍ରମୁଖ ବରିଷ୍ଠ ନାଗରିକ ଓ କୃଷକ ମାନେ ମତବ୍ୟକ୍ତ କରିଛନ୍ତି । ଏହି କାର୍ଯ୍ୟକ୍ରମ ରେ ସୋଆ ର କୃଷି ମହାବିଦ୍ୟାଳୟ ର ଶେଷ ବର୍ଷ ର ଛାତ୍ରଛାତ୍ରୀ ମାନେ ସବୁଥର ପରି ଏଥର ମଧ୍ୟ ଦଶ ରୁ ଉର୍ଦ୍ଧ୍ୱ ଗ୍ରାମ କୁ ପରିଦର୍ଶନ କରୁଛନ୍ତି ବୋଲି ଗ୍ରାମ ସଂଯୋଗୀକରଣ କାର୍ଯ୍ୟକ୍ରମ ର ସଂଯୋଜକ ଡଃ ଅଂଶୁମାନ ଜେନା ଜଣାଇଛନ୍ତି ଏବଂ ଏହି କାର୍ଯ୍ୟକ୍ରମ ର ସଫଳତା ପାଇଁ ମହାବିଦ୍ୟାଳୟ ର ଅଧକ୍ଷ ପ୍ରଫେସର ସନ୍ତୋଷ କୁମାର ରାଉତ ଛାତ୍ର ଛାତ୍ରୀ ମାନଙ୍କୁ ଉପଦେଶ ଦେଇଛନ୍ତି ।

# ଝାରସୁଗୁଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ଉନ୍ନୟନ କମିଟି ବୈଠକ

ଝାରସୁଗୁଡ଼ା,(ପି.ଏନ): ଝାରସୁଗୁଡା ବିଧାନସଭା ନିର୍ବାଚନ ମଣ୍ଡଳୀ ସ୍ତରୀୟ ଉନ୍ନୟନ କମିଟି ବୈଠକ ଜିଲ୍ଲା ପରିଷଦ ସଦଭାବନା ଗୃହରେ ଅନୁଷ୍ଠିତ ହୋଇଛି । ବିଧାୟିକା ସୁଶ୍ରୀ ଦୀପାଳି ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତପିରାମ ମାଝୀ, ଉପଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଡୋଳାମଣି ପଟେଲଙ୍କ ସମେତ ପଂଚାୟତ ସମିତି ଓ ପୌରପାଳିକା ଅଧକ୍ଷ/ଅଧକ୍ଷା, ଲାଇନ ଡିପାର୍ଟମେଂଟ ଓ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଝାରସୁଗୁଡା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଚାଲୁ ରହିଥିବା ପ୍ରକଳ୍ପ ଓ ଯୋଜନା ଗୁଡ଼ିକ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ କରିବାକୁ ବିଧାୟିକା ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ବିଭିନ୍ନ ଗୋଷ୍ଠୀ ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ଡାକ୍ତର ଓ ଆବଶ୍ୟକୀୟ ସଂଖ୍ୟକ ସ୍ୱାସ୍ଥ୍ୟ କର୍ମଚାରୀ, ଔଷଧ ଓ ଜେନେରେଟରର ସ୍ଥିତି ସମ୍ପର୍କରେ ପଚାରି ବୁଝିବା ସହ ସ୍ୱାସ୍ଥ୍ୟକେନ୍ଦ୍ର ମରାମତି ତଥା ନବୀକରଣ ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଏଥି ସହିତ ମଙ୍ଗଳ ବଜାରସ୍ଥିତ ଡାକ୍ତରଖାନା ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯିବା ଓ ପ୍ରତି ବ୍ଲକରେ ଥିବା ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ସ୍ତ୍ରୀ ଓ ପ୍ରସୂତୀ ଡାକ୍ତର ମୁତୟନ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବ୍ଲକ ତଥା ପୌରାଚଂଳରେ ପାନୀୟ ଜଳର ବ୍ୟବସ୍ଥା ସହ ଚାଷୀମାନଙ୍କୁ ବିହନ ଓ ସାର ଯୋଗାଣ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।


# ସଡକ ସୁରକ୍ଷା କମିଟି ସମୀକ୍ଷା ବୈଠକ ଅନୁଷ୍ଠିତ



ପୁରୀ,(ପି.ଏନ): ସଡ଼କ ସୁରକ୍ଷା ଏକ ସାମୁହିକ ଦାୟିତ୍ୱ ।ବିଭିନ୍ନ ବିଭାଗ ପରସ୍ପର ମଧ୍ୟରେ ସୁସମନ୍ୱୟ ରଖି କାର୍ଯ୍ୟ କଲେ ଏହାର ସୁଫଳ ମିଳିବା ସହ ଅନେକ ଜୀବନ ରକ୍ଷା ହୋଇ ପାରିବ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ । ଗତକାଲି ଅପରାହ୍ଣରେ ଅତିରିକ୍ତ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ଠାରେ ପରିବହନ ବିଭାଗ ପକ୍ଷରୁ ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା ।ଏଥିରେ ଅଧକ୍ଷତା କରି ଶ୍ରୀ ସାହୁ ସଡକ ସୁରକ୍ଷା ପାଇଁ ଥିବା ନିୟମ ଓ ମାର୍ଗଦର୍ଶିକା କୁ ଅନୁପାଳନ କରାଗଲେ ନିଶ୍ଚିତ ଭାବେ ଦୁର୍ଘଟଣା ହ୍ରାସ ପାଇବା ସହ ସଡକ ସୁରକ୍ଷିତ ରହିପାରିବ ।ଜାତୀୟ ରାଜପଥ କର୍ତ୍ତୃପକ୍ଷ, ପୂର୍ତ୍ତ ବିଭାଗ, ପୋଲିସ ବିଭାଗ, ପରିବହନ ବିଭାଗ ସ୍ୱାସ୍ଥ୍ୟ ବିଭାଗର ମିଳିତ ସହଯୋଗ ପାଇଁ ସେ ପରାମର୍ଶ ଦେବା ମାସିକ ଭାବେ ଅଗ୍ରଗତି ତଥ୍ୟ ପ୍ରଦାନ ପାଇଁ ପରାମର୍ଶ ଦେଇଥିଲେ ।ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚ଼ନ୍ଦ୍ର ନାୟକ, ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ସଡକ ସୁରକ୍ଷା ପାଇଁ ନିୟମିତ ଯୁଗ୍ମ ଧରପଗଡ ଜାରି ରଖିବା,ଲୋକ ମାନଙ୍କୁ ସଚେତନ କରାଇବା, ଦୁର୍ଘଟଣା ପ୍ରବଣ ସ୍ଥାନ ଓ କାରଣ ଚ଼ିହ୍ନଟ କରି ବୈଜ୍ଞାନିକ ପଦ୍ଧତିରେ ଏହାର ନିରାକରଣ ଉପରେ ଗୁରୁତ୍ୱ ଦେଇଥିଲେ । ପ୍ରାରମ୍ଭରେ ଆଞ୍ଚଳିକ ପରିବହନ ଅଧିକାରୀ ରବିନ ପଟ୍ଟନାୟକ ସମସ୍ତଙ୍କୁ ସ୍ୱାଗତ କରିବା ସହ ଜିଲ୍ଲାର ତଥ୍ୟ ଉପସ୍ଥାପନ କରିଥିଲେ । ଜିଲ୍ଲାରେ ୨୦୨୧ ରେ ୧୯୭ ଟି ଦୁର୍ଘଟଣା ଘଟିଥିବା ବେଳେ ୧୨୬ ଜଣଙ୍କ ର ମୃତ୍ୟୁ ହୋଇଥିଲା ।ସେହିପରି ୨୦୨୨ରେ ୧୯୭ ଟି ଦୁର୍ଘଟଣା ହୋଇ ୧୪୬ ଜଣଙ୍କ ର ମୃତ୍ୟୁ ଘଟିଥିଲା । ୨୦୨୩ ଜୁନ ମାସ ସୁଦ୍ଧା ୮୮ ଟି ଦୁର୍ଘଟଣା ହୋଇ ଥିବା ବେଳେ ୮୦ ଜଣଙ୍କ ର ମୃତ୍ୟୁ ଘଟିଛି ।୨୦୨୩ ଜୁନ ମାସ ପର୍ଯ୍ୟନ୍ତ ୨୩୧୧ ବିନା ହେଲମେଟ ଯାଞ୍ଚ କରାଯାଇ ୨୬୬ ଲାଇସେନ୍ସ ସସପେଣ୍ଡ କରାଯାଇଥିବା ବେଳେ ଦ୍ରୁତ ଗତି କ୍ଷେତ୍ରରେ ୨୯୧୫ କେଶ ମଧ୍ୟରୁ ୬୬୫ ଲାଇସେନ୍ସ ସସପେଣ୍ଡ କରାଯାଇଛି ।ସିଟବେଲ୍ଟ ଉଲ୍ଲଘଂନ କ୍ଷେତ୍ରରେ ୨୭୩ଜଣ,ଗାଡି ଚ଼ାଳନା ବେଳେ ମୋବାଇଲ ବ୍ୟବହାର କ୍ଷେତ୍ରରେ ୧୭୧ ଜଣ,ମାଦକ ଦ୍ରବ୍ୟ ସେବନ କରି ଗାଡି ଚ଼ାଳନା କ୍ଷେତ୍ରରେ ୨୨୫ ଜଣଙ୍କୁ ଚ଼ିହ୍ନଟ କରାଯାଇଛି ।ମୋଟ ୬୬୭୯ କେଶ ମଧ୍ୟରୁ ୧୦୯୧ ଜଣଙ୍କ ଲାଇସେନ୍ସ ରଦ୍ଦ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।ଜୁନ ମାସ ରେ ମୋଟ ୭୨୦ ଚ଼ାଲାଣ କଟାଯାଇ ୩୮୩ ଫଏସଲା ହୋଇ ୨୩.୭୯.୪୫୯ ଟଙ୍କା ରାଜସ୍ୱ ଆଦାୟ ହୋଇଥିବା ବେଳେ ୩୩୭ ଟି ପେଣ୍ଡିଙ୍ଗ ରହିଛି ବୋଲି ପରିବହନ ବିଭାଗ ସୂତ୍ରରୁ ପ୍ରକାଶ ।ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଟ୍ରାଫିକ ଡିଏସପି ନିରଞ୍ଜନ ଶବର,ଜାତୀୟ ରାଜପଥ ପ୍ରତିନିଧି ହିମାଦ୍ରୀ ଭୂଷଣ ପରିଡା, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ସରୋଜ କୁମାର ମିଶ୍ର, ରଞ୍ଜନ କୁମାର ସାହୁ, ମହେନ୍ଦ୍ର କୁମାର ବିଶ୍ୱାଳ,ସରୋଜ କୁମାର ଆଚ଼ାର୍ଯ୍ୟ, ଅମ୍ବିକା ଚ଼ନ୍ଦ୍ର ପତି,ତନ୍ମୟ ମହାପାତ୍ର,ଓ ଅନ୍ୟାନ୍ୟ ଅଧିକାରୀ, ସଦସ୍ୟ ମାନେ ଯୋଗ ଦେଇଥିଲେ ।

# ବିରଞ୍ଚି ନାରାୟଣ ପତି କାକଟପୁର ବିଧାନସଭା ନିର୍ବାଚ଼ନ ମଣ୍ଡଳୀର ଯୁବ କଂଗ୍ରେସ ସଭାପତି

ଭୁବନେଶ୍ୱର,(ପି.ଏନ): ଗତ ୨୫ ତାରିଖରେ ରାଜ୍ୟ ଯୁବ କଂଗ୍ରେସ ନିର୍ବାଚ଼ନ ଫଳାଫଳ ପ୍ରକାଶ ପାଇଛି । ରାଜ୍ୟର ପଦାଧିକାରୀ ସହ ସମସ୍ତ ୧୪୭ ବିଧାନସଭା ମଣ୍ଡଳୀ, ୩୩ଟି ସାଂଗଠନିକ ଜିଲ୍ଲାର ଯୁବ କଂଗ୍ରେସ ନିର୍ବାଚ଼ନ ଫଳାଫଳ ଘୋଷଣା କରିଛି ଅଖିଳ ଭାରତୀୟ ଯୁବ କଂଗ୍ରେସ । କାକଟପୁର ନିର୍ବାଚ଼ନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ରୂପେ ବିଜୟୀ ହୋଇଛନ୍ତି ଜଣାଶୁଣା ଯୁବ ନେତା ଗୋପ ବ୍ଲକ ମହଲପଡ଼ା ପଞ୍ଚାୟତ ଅଞ୍ଚଳର ବିରଞ୍ଚି ନାରାୟଣ ପତି । ଶ୍ରୀ ପତି ଦୀର୍ଘ ବର୍ଷ ଧରି କାକଟପୁର ନିର୍ବାଚ଼ନ ମଣ୍ଡଳୀରେ ଛାତ୍ର ଓ ଯୁବ ସଂଗଠନ ପାଇଁ କାର୍ଯ୍ୟ ସୁଚାରୁରୂପେ ତୁଲାଉଥିଲେ । ତାଙ୍କର କଂଗ୍ରେସ ଦଳ ପ୍ରତି ସମର୍ପିତ ମନୋଭାବ ସାଂଗଠନିକ କାର୍ଯ୍ୟଦକ୍ଷତା କୁ ଲକ୍ଷ୍ୟ କରି କାକଟପୁର ଯୁବ ନେତୃବୃନ୍ଦ ମାନେ ତାଙ୍କୁ ଏହି ନିର୍ବାଚ଼ନ ରଣାଙ୍ଗନରେ ପ୍ରତିଦ୍ୱନ୍ଦିତା କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ଏହା ପରେ ସେ ନିର୍ବାଚ଼ନ କୁ ଓହ୍ଲାଇ ଯୁବ କଂଗ୍ରେସ ସଦସ୍ୟତା କାର୍ଯ୍ୟ ପାଇଁ ଅଣ୍ଟା ଭିଡ଼ିଲେ ଓ ନିର୍ବାଚ଼ନ ମଣ୍ଡଳୀରେ ସଦସ୍ୟତା ଅଭିଯାନ ଜୋରଦାର କଲେ । ଶେଷରେ ତାଙ୍କର ନିଷ୍ଠାପର କାର୍ଯ୍ୟ ପାଇଁ ଶ୍ରୀ ବିରଞ୍ଚି ନାରାୟଣ ପତି ସର୍ବାଧିକ ଭୋଟ ପାଇ ବିଜୟୀ ହେଲେ । ଏହି ବିଜୟ ପରେ ଶ୍ରୀ ପତିଙ୍କୁ କାକଟପୁର ନିର୍ବାଚ଼ନ ମଣ୍ଡଳୀ ରୁ ଶୁଭେଚ୍ଛାର ସୁଅ ଛୁଟିଛି । ସ୍ଥାନୀୟ



କଂଗ୍ରେସ ଦଳର ନେତୃବୃନ୍ଦ ,ଯୁବ ନେତା ,କଂଗ୍ରେସ କର୍ମୀ ମାନେ ଶ୍ରୀ ପତିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଶ୍ରୀ ବିରଞ୍ଚି ନାରାୟଣ ପତି ଏହି ବିଜୟର ଶ୍ରେୟ ସ୍ଥାନୀୟ ନେତୃମଣ୍ଡଳି ବିଶେଷ କରି ପିସିସି ଉପସଭାପତି ଶ୍ରୀ ବିଶ୍ୱଭୂଷଣ ଦାସ ଙ୍କ ସମେତ ଯୁବ କଂଗ୍ରେସ କର୍ମକର୍ତ୍ତା,ଛାତ୍ର କଂଗ୍ରେସ କର୍ମକର୍ତ୍ତା ମାନଙ୍କୁ ଦେଇଛନ୍ତି । ଆଗାମୀ ଦିନରେ କାକଟପୁର ନିର୍ବାଚ଼ନ ମଣ୍ଡଳୀରେ ଯୁବ ସମାଜର ହକ ପାଇଁ ଲଢେଇ ହେବ ସହ ସ୍ଥାନୀୟ ଯୁବକ ଙ୍କ ନିଯୁକ୍ତି ସମସ୍ୟା କୁ ନେଇ ଆନ୍‌ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଶ୍ରୀ ପତି କହିଛନ୍ତି , ଏହି ପ୍ରରିପେକ୍ଷୀରେ ଯୁବ କଂଗ୍ରେସକୁ ସଂଗଠିତ କରି ପ୍ରତି ପଞ୍ଚାୟତ ସ୍ତରରେ ଓ ବୁଥ ସ୍ତରରେ ଯୁବ କଂଗ୍ରେସ କମିଟି ଗଠନ କରାଯିବ ବୋଲି ବିରଞ୍ଚି ନାରାୟଣ ପତି କହିଛନ୍ତି ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray